## ସଂକ୍ଷେପରେ

### ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିରରେ ଚିତାଲାଗି ଅମାବାସ୍ୟା



**ବିରିଡ଼ି,୧।୮(ଡି.ଏନ.ଏ):** ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିରରେ ଗୁରୁବାର ଚିତାଲାଗି ଅମାବାସ୍ୟା ଅନୁଷ୍ଠିତ ହୋଇଛି। ଏହି ତିଥିରେ ଶ୍ରୀଜୀଉଙ୍କ ମସ୍ତକରେ ସୁନାର ଚିତାଲାଗି କରାଯାଇଥିଲା। ପରମ୍ପରା ଓ ନୀତିକାନ୍ତି ଅନୁସାରେ ସ୍ନାନପୂର୍ଣ୍ଣିମା ଦିନ ଶ୍ରୀଜୀଉମାନଙ୍କ ମସ୍ତକରୁ ସୁନା ଚିତା କଢ଼ାଯାଇଥାଏ। ଏହି ଚିତାଲାଗି ଅମାବାସ୍ୟା ତିଥିରେ ପୁନର୍ବାର ସୁନାର ଚିତା ଲାଗି କରାଯାଇଥାଏ।

### ନିଖୋଜ ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁନି

**ପାରାଦୀପ,୧।୮(ସ୍ୱ.ପ୍ର.):** ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀ ବିଜୟ ମଲ୍ଲିକ ଗତ ମଙ୍ଗଳବାର ଟ୍ରଲରରୁ ପାଣିକୁ ଖସିପଡ଼ିଥିଲେ। କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ଖୋଜାଖୋଜି କରାଯାଇଥିଲେ ମଧ ଅଦ୍ୟାବଧି ତାଙ୍କ ପତ୍ତା ମିଳିନାହିଁ। ଇତିମଧରେ ୩ଦିନ ବିତିଯାଇଥିବାରୁ ବିଜୟଙ୍କ ସନ୍ଧାନ ମିଳିବା ନେଇ ଆଶା ମଉଳିବାରେ ଲାଗିଛି। ଅନ୍ୟପକ୍ଷରେ ଏନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଟ୍ରଲର ମାଲିକଙ୍କ ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ନିଖୋଜଙ୍କ ସମ୍ପର୍କୀୟମାନେ ବୁଧବାର ପାରାଦୀପରେ ପହଞ୍ଚିଥିଲେ। କୂଳଠାରୁ ୨୦ କିମି ଦୂର ସମୁଦ୍ର ମଧରେ ଏହି ଘଟଣା ଘଟିଥିବାରୁ ମେରାଇନ୍ ଥାନା ପୋଲିସ ପହଞ୍ଚିପାରିନାହିଁ। ଏପରିକି ସେହି ସ୍ଥାନକୁ ଯିବାକୁ ଜଟାଧାର ମୁହାଣ ସାମୁଦ୍ରିକ ଥାନାର ସାଧନ ନାହିଁ। ସୂଚନାଯୋଗ୍ୟ, ମଙ୍ଗଳବାର ଭୋରରେ ଓମ୍ ବାବା ଆଖଣ୍ଡଳମଣି ନାମକ ଏକ ମାଛଧରା ଟ୍ରଲର ଧାରରେ ବିଜୟ ଶୌଚ ବସିଥିବାବେଳେ ଅସାବଧାନତା ବଶତଃ ପାଣିକୁ ଖସିପଡ଼ିଥିଲେ ବୋଲି ସାଥି ମତ୍ସ୍ୟଜୀବୀମାନେ କହିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମୁଦ୍ରରେ ଅତ୍ୟଧିକ ଅନ୍ତଃସ୍ରୋତ ଯୋଗୁ ସମ୍ଭବ ହୋଇପାରି ନ ଥିଲା। ପରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ଓ ହେଲିକାପ୍ଟର ଯୋଗେ ଖୋଜାଖୋଜି କରାଯାଇଥିଲା। ଗତ ୧୦ବର୍ଷରେ ଏଭଳି ୨୨ ଜଣ ସମୁଦ୍ରରେ ନିଖୋଜ ହେଲେଣି। ସେଥିମଧରୁ ଅଧିକ ଦୁର୍ଘଟଣା ମୁହାଣ ଅଞ୍ଚଳରେ ଘଟିଛି।

### ସ୍ୱୟଂ ସହାୟିକା ଗୋଷ୍ଠୀକୁ ମତ୍ସ୍ୟ ଚାଷ ତାଲିମ



**କୁଜଙ୍ଗ,୧।୮(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଗତ୍ସିଂହପୁର ଜିଲାର ୧୩ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ନେଇ ଏକ ୨ ଦିନିଆ ମତ୍ସ୍ୟ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ, ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଆଲୋକ ଦାସମହାପାତ୍ର, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଅଭିକ ନାରାୟଣ, କ୍ରିଷ୍ଣା ରାଉତ, ୱାର୍ଲ୍ଡଫିସର ସାଧାରଣ ପରିଚାଳକ ସୌରଭ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ମହିଳାମାନଙ୍କୁ ମାଛ ଛାଡ଼ିବା ପୂର୍ବରୁ ପାଣିର ଗୁଣବତ୍ତା ପରୀକ୍ଷଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ରଞ୍ଜିତ ରାଉତ, ଜଗତ୍ସିଂହପୁର ସହ ମତ୍ସ୍ୟ ଅଧିକାରୀ ଅତନୁ କୁମାର ସ୍ୱାଇଁ, ବିଧାନ ଚନ୍ଦ୍ର ଦାଶ ଓ ଖଗେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ସ୍ୱୟଂ ସହାୟିକା ସଭ୍ୟାମାନେ କୌଶଲ୍ୟା ଗଙ୍ଗସ୍ଥିତ ମଧୁର ଜଳଜୀବ ଅନୁସନ୍ଧାନ ସଂସ୍ଥା(ସିଫା) ଓ ରାଜ୍ୟ ଫାର୍ମକ୍ଷେତ୍ର ପରିଦର୍ଶନ କରିବେ।

■ ଶାରଳା ମନ୍ଦିର : ଦୋକାନୀଙ୍କୁ ବକେୟା ୩୫ ଲକ୍ଷ ଦାଖଲ ନୋଟିସ ପ୍ରସଙ୍ଗ

# ନିର୍ଦ୍ଦେଶ ମାନିଲେନି ଦୋକାନୀ, କାର୍ଯ୍ୟାନୁଷ୍ଠାନ ଶୂନ

■ ଜିଲାପାଳ, ଦେବୋତ୍ତର ବିଭାଗ ନୀରବ
■ ଦେବୋତ୍ତର ସହକାରୀ କମିଶନରଙ୍କୁ ଭେଟି ନିରାଶ ହେଲେ ପାର୍କିଂ ନେଇଥିବା ବ୍ୟକ୍ତି

**ଜଗତ୍ସିଂହପୁର ଅଫିସ,୧।୮**

ଝଙ୍କଡ଼ବାସିନୀ ମା'ଶାରଳାଙ୍କ ପୀଠ ପରିସରରେ ପାର୍କିଂ ନିଲାମୀ ନେଇଥିବା ବ୍ୟକ୍ତି, ଭୋଗ ଓ ଦୀପ ଦୋକାନୀ ଦୀର୍ଘଦିନ ଧରି ରାଜସ୍ୱ ଲୁଟି ଚାଲିଥିଲେ ସୁଦ୍ଧା ଦେବୋତ୍ତର ବିଭାଗ ନୀରବ। ଏ ସମ୍ପର୍କିତ ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇବା ପରେ ଦେବୋତ୍ତର ବିଭାଗ ଓ ଜିଲା ପ୍ରଶାସନ ଚେଇଁ ଉଠିଥିଲେ। ଯେହେତୁ ରାଜସ୍ୱ ଆଦାୟ ଦାୟିତ୍ୱ ଦେବୋତ୍ତର ବିଭାଗର ତେଣୁ ନୋଟିସ୍ ଦିଆଯାଇ ତୁରନ୍ତ ବକେୟା ଅର୍ଥ ଜମା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୪ ତାରିଖରେ ହୋଇଥିବା ନୋଟିସ୍‌ରେ ୩୫.୩୩ ଲକ୍ଷ ଟଙ୍କା ୩ ଦିନ ମଧ୍ୟରେ ଜମା କରିବାକୁ ପାର୍କିଂ, ଭୋଗ ଓ ଦୀପ ଦୋକାନୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ଦୀପ ଦୋକାନୀ ଗତବର୍ଷର ବକେୟା ଅର୍ଥ ଓ ଚଳିତବର୍ଷର ୨ଟି କିସ୍ତିରୁ ୧ଟି କିସ୍ତି ଜମା କରି ସାରିଛନ୍ତି। କିନ୍ତୁ ପାର୍କିଂ ଓ ଭୋଗ ଦୋକାନୀ ବକେୟା ଅର୍ଥ ଜମା କରୁନାହାନ୍ତି। ନୋଟିସ ଅନୁଯାୟୀ, ଧାର୍ଯ୍ୟ ସମୟ ମଧ୍ୟରେ ବକେୟା ଅର୍ଥ ପୈଠ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। କିନ୍ତୁ ଏ ଭିତରେ ୪ ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଦେବୋତ୍ତର ବିଭାଗ ନୀରବ ରହିଛି। ଆଶ୍ଚର୍ଯ୍ୟର କଥା ଗତବର୍ଷ ପାର୍କିଂ ନେଇଥିବା ବ୍ୟକ୍ତି ବକେୟା ଅର୍ଥ ଶୁଝିବା ପରିବର୍ତ୍ତେ କିଛି ଅର୍ଥ ଛାଡ ପାଇଁ ଗୁରୁବାର ଦେବୋତ୍ତର ବିଭାଗ ସହକାରୀ କମିଶନର ଦେବାଶିଷ ଦାଶଙ୍କୁ ଭେଟି ଅନୁରୋଧ କରିଛନ୍ତି। କିନ୍ତୁ ବକେୟା ଅର୍ଥ ଜମା କରିସାରିବା ପରେ ଛାଡ କଥା ଚିନ୍ତା କରାଯାଇପାରେ ବୋଲି ତାଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ମନ୍ଦିର ପରିଚାଳନା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ନୂତନ ଭାବେ ଇଣ୍ଟେରିମ୍ ଟ୍ରଷ୍ଟି କରାଯାଇଛି। ଜିଲାପାଳଙ୍କ ଉପସ୍ଥିତି ସତ୍ତ୍ୱେ ଅର୍ଥ ପୈଠ କରା ନ ଯିବା ଆଲୋଚ୍ୟର ବିଷୟ ହୋଇଛି।

ପ୍ରତିବର୍ଷ ଶାରଳା ମନ୍ଦିର ପାର୍କିଂ, ଭୋଗ ଓ ଦୀପ ଦୋକାନ ପାଇଁ ଟେଣ୍ଡର ହୁଏ। ଟେଣ୍ଡର ପାଇଥିବା ବ୍ୟକ୍ତି କିସ୍ତି ଅନୁଯାୟୀ ଅର୍ଥ ପୈଠ କରିବାକୁ ନିୟମ ରହିଛି। ଗତବର୍ଷ ନିକୁଞ୍ଜ ରାଉଳଙ୍କୁ ପାର୍କିଂ, ସୁଶାନ୍ତ ରାଉଳ ଭୋଗ ଓ ସାରଦା ଚରଣ ପଣ୍ଡାଙ୍କୁ ଦୀପ ଦୋକାନ ନିଲାମ ଦିଆଯାଇଥିଲା। କିନ୍ତୁ ସେମାନେ କିସ୍ତି ଅନୁଯାୟୀ ଟଙ୍କା ଜମା କରି ନ ଥିଲେ। ଦେବୋତ୍ତର ବିଭାଗ ଏହା ଜାଣି ମଧ ନୀରବ ରହିଥିଲା। ଚଳିତବର୍ଷ ପୁଣି ଟେଣ୍ଡର ହେଲା ଓ ପାର୍କିଂ ପାଇଁ ରୁଦ୍ରପ୍ରସାଦ ରାଉତ, ଭୋଗ ରମେଶ ରାଉଳ ଓ ଦୀପ ଦୋକାନ ପାଇଁ ଜିତେନ୍ଦ୍ର ରାଉଳଙ୍କୁ ଅନୁମତି ଦିଆଗଲା। ସେମାନେ ଇତିମଧ୍ୟରେ ୨ଟି କିସ୍ତି ଟଙ୍କା ଦେବା କଥା। କିନ୍ତୁ କେହି ଏହି କିସ୍ତି ଜମା କରିନାହାନ୍ତି। ପାର୍କିଂ ନେଇଥିବା ବ୍ୟକ୍ତି ବାର୍ଷିକ ୨,୯୦,୦୦୦ ଟଙ୍କା ପୈଠ କରିବାକୁ ସର୍ତ୍ତ ରଖାଯାଇଛି। କିନ୍ତୁ ସେ ଅଦ୍ୟାବଧି ଗୋଟିଏ ବି କିସ୍ତି ପୈଠ କରିନାହାନ୍ତି। ଏଣେ ଗତବର୍ଷ ଟେଣ୍ଡର ପାଇଥିବା ବ୍ୟକ୍ତି ପ୍ରାୟ ୫,୦୦,୦୦୦ ଟଙ୍କା ପୈଠ କରୁନାହାନ୍ତି। ବରଂ କିଛି ଅର୍ଥ ଛାଡ଼ ପାଇଁ ଗୁରୁବାର ଦେବୋତ୍ତର ସହକାରୀ କମିଶନରଙ୍କୁ ସାକ୍ଷାତ କରିଛନ୍ତି। ସେ କହିଛନ୍ତି ଯେ, ବାତ୍ୟା ତିତ୍‌ଲି ସମୟରେ ମହାଷ୍ଟମୀ ପଡ଼ିଥିଲା। ବାତ୍ୟା ଯୋଗୁ ତାଙ୍କର ଅନେକ କ୍ଷୟକ୍ଷତି ହୋଇଥିଲା। ତେଣୁ କିଛି ଅର୍ଥ ଛାଡ଼ କରାଯାଉ। କିନ୍ତୁ ଦେବୋତ୍ତର ସହକାରୀ କମିଶନର ତାଙ୍କ ଅନୁରୋଧ ଗ୍ରହଣ କରିନାହାନ୍ତି। ବକେୟା ଟଙ୍କା ପୈଠ ପରେ ଏ ବିଷୟରେ ଚିନ୍ତା କରାଯାଇପାରେ ବୋଲି କହିଥିବା ମନ୍ଦିର ଆକାଉଣ୍ଟାଣ୍ଟ ହରି ଲେଙ୍କା ସୂଚନା ଦେଇଛନ୍ତି। ଗତବର୍ଷ ଓ ଚଳିତବର୍ଷର ପାର୍କିଂ ବକେୟା ରାଶି ମିଶି ପ୍ରାୟ ୧୧ ଲକ୍ଷ ଟଙ୍କା ଏପର୍ଯ୍ୟନ୍ତ ଆଦାୟ କରିପାରୁନି ଦେବୋତ୍ତର ବିଭାଗ। ସେହିପରି ଭୋଗ ଦୋକାନୀ ଚଳିତବର୍ଷ କିସ୍ତି ପିଛା ୮,୬୭,୩୨୫ ଟଙ୍କା ଦେବେ ବୋଲି ସ୍ଥିର ହୋଇଛି। କିନ୍ତୁ ସେ ଦେବାରେ ବିଳମ୍ବ କରିଛନ୍ତି। ନିକଟରେ ପ୍ରାୟ ୪ ଲକ୍ଷ ଟଙ୍କା ଜମା ଦେଇଛନ୍ତି। ଅବଶିଷ୍ଟ ପ୍ରାୟ ୧୩ ଲକ୍ଷ ବାକି ରହିଛି। ଗତବର୍ଷ ଭୋଗ ଦୋକାନ ଟେଣ୍ଡର ପାଇଥିବା ବ୍ୟକ୍ତି ପ୍ରାୟ ୪ ଲକ୍ଷ ଟଙ୍କା ଦେଇନାହାନ୍ତି। ଉଭୟଙ୍କ ବକେୟା ରାଶି ମିଶିଲେ ୧୭ ଲକ୍ଷ ଟଙ୍କା ହେବ। ଅନ୍ୟପକ୍ଷରେ ଗତବର୍ଷ ଦୀପ ଦୋକାନ କରିଥିବା ବ୍ୟକ୍ତି ତାଙ୍କ ସମସ୍ତ କିସ୍ତି ଟଙ୍କା ପୈଠ କରି ସାରିଛନ୍ତି। ଚଳିତବର୍ଷ ଟେଣ୍ଡର ନେଇଥିବା ବ୍ୟକ୍ତି ୨ରୁ ୧ଟି କିସ୍ତି ବାବଦ ପ୍ରାୟ ୭,୫୩,୦୦୦ ଟଙ୍କା ଜମା ଦେଇଛନ୍ତି। ଅବଶିଷ୍ଟ ୭,୫୩,୦୦୦ ଟଙ୍କା ଦେବାରେ ବିଳମ୍ବ କରୁଛନ୍ତି। ତେଣୁ ଜୁଲାଇ ୨୭ ତାରିଖ ସୁଦ୍ଧା ପାର୍କିଂ, ଭୋଗ ଓ ଦୀପ ଦୋକାନୀ ସେମାନଙ୍କ ଦେୟ ପୈଠ କରିବାକୁ ମନ୍ଦିର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସଂଗ୍ରାମ କେଶରୀ ଧଳ ନୋଟିସ୍ କରିଥିଲେ। କିନ୍ତୁ ଏହି ନୋଟିସ୍‌କୁ ପାର୍କିଂ ଓ ଭୋଗ ଦୋକାନୀ ବେଖାତିର କରିଛନ୍ତି। କୁହାଯାଉଛି ସେମାନେ ଶାସକ ଦଳର ନେତାଙ୍କ ବାହୁଛାୟା ତଳେ ଥିବାରୁ ନୋଟିସକୁ ଭୟ କରୁନାହାନ୍ତି। ଏକଥା ମଧ କୁହାଯାଉଛି ଯେ, ଗତବର୍ଷ ଯେଉଁମାନେ ନିଲାମ ନେଇଥିଲେ ଚଳିତବର୍ଷ ମଧ ସେମାନେ ଦୋକାନ ଚଳାଇଛନ୍ତି। କେବଳ କାଗଜପତ୍ରରେ ଟେଣ୍ଡର ଅନ୍ୟ ନାଁରେ ରହିଛି। ବିଭାଗ ଏକଥା ଜାଣି ମଧ ସେମାନଙ୍କୁ ପ୍ରଶୟ ଦେଉଛି। ମୋଟା ଅଙ୍କର ଅର୍ଥ ନେଇ ବିଭାଗୀୟ ଅଧିକାରୀ ନୀରବ ରହୁଥିବା କୁହାଯାଉଛି। ଏ ସମ୍ପର୍କରେ ଦେବୋତ୍ତର ବିଭାଗ ସହକାରୀ କମିଶନର ଦାଶ କହିଛନ୍ତି ଯେ, ଧାର୍ଯ୍ୟ ସମୟ ମଧ୍ୟରେ ବକେୟା ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ୧୧.୫୩ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଏ ସମ୍ପର୍କରେ ଜିଲାପାଳ ମହାପାତ୍ରଙ୍କ ମତାମତ ମିଳିପାରିନାହିଁ।

## ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମୃତି ପରିଷଦ ଗଠିତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା।

**ଜଗତ୍ସିଂହପୁର ଅଫିସ,୧।୮**

ଗତବର୍ଷ ଅଗଷ୍ଟ ୧୬ ତାରିଖରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ମହାପ୍ରୟାଣ ହୋଇଥିଲା। ଆସନ୍ତା ୧୬ରେ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ। ଏହା ପୂର୍ବରୁ ଜଗତ୍ସିଂହପୁରରେ ଗଠନ ହୋଇଛି ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମୃତି ପରିଷଦ। ପରିଷଦ ପକ୍ଷରୁ ବାଜପେୟୀଙ୍କୁ ସ୍ମରଣ ଉଦ୍ଦେଶ୍ୟରେ ତାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ କରାଯିବ। ଏହି ଅବସରରେ ସ୍ଥାନୀୟ ପୁରୋହିତପୁର ନନ୍ଦିକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସମ୍ପୂର୍ଣ୍ଣ ଗୀତା ପାଠ ଓ ଗୀତା ହୋମଯଜ୍ଞ ହେବ। କାର୍ଯ୍ୟକ୍ରମରେ ବାଜପେୟୀଙ୍କ ପରିବାରର କୁଳପୁରୋହିତ ଆଚାର୍ଯ୍ୟ ସରୋଜ କୁମାର ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ସ୍ଥାନୀୟ ତରଡ଼ାପଡ଼ାସ୍ଥିତ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ ପରିଷଦ ସଭାପତି ମାନସ ରଞ୍ଜନ ଦାସ, ଉପସଭାପତି ଗୋବର୍ଦ୍ଧନ ସ୍ୱାଇଁ, ସମ୍ପାଦକ ବାଦଲ କୁମାର ରଣା, ସହ ସମ୍ପାଦକ ଦେବାଶିଷ ମହାନ୍ତି, ରାଜ୍ୟ ସଂଯୋଜକ ସ୍ମୃତିରଞ୍ଜନ ମଲ୍ଲ, ସାଧାରଣ ସଦସ୍ୟ ଭିକାରୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

## ପୋଲିସ ଉପରୁ ଭରସା ତୁଟାଇଲେଣି ମା'ବାପା

■ ଉପଯୁକ୍ତ ତଦନ୍ତ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ
■ ଛାତ୍ରୀଙ୍କ ସହପାଠିନୀଙ୍କଠାରୁ ମିଳିଛି ଅନେକ ତଥ୍ୟ

**ପାରାଦୀପ,୧।୮(ସ୍ୱ.ପ୍ର.)**

ଅପରାଧ ନିୟନ୍ତ୍ରଣ ଓ ଅପରାଧୀଙ୍କୁ କାବୁ କରିବା କ୍ଷେତ୍ରରେ ପୋଲିସର ବିଫଳତା ଏବେ ସାରା ରାଜ୍ୟରେ ଆଲୋଚ୍ୟର ବିଷୟ ହୋଇଛି। ସମ୍ବଲପୁର ସହର ନଳପଡ଼ାର ଜଣେ ମହିଳାଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିବାରେ ପୋଲିସ ବିଫଳ ହେବା ଓ ଦୀର୍ଘ ୮ବର୍ଷ ଉଦ୍ୟମ ପରେ ତାଙ୍କ ଝିଅ ହତ୍ୟାକାଣ୍ଡର ସୁରାକ ପାଇବା ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାରେ ଓଡ଼ିଶା ପୋଲିସର ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ଭୂମିକା କିପରି ଥିଲା ତାହାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ତଦନ୍ତରେ ହତୋତ୍ସାହିତ ହୋଇ ତାଙ୍କ ମା'ବାପା ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ କରିଛନ୍ତି। ପ୍ରକାଶ ଯେ, ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବିଜୟଚାନ୍ଦପୁର ହାଣ୍ଡିଆ ଗ୍ରାମର ସସ୍ମିତା ସାହୁ ଓ ସମ୍ପଦ ସାହୁଙ୍କ ଝିଅ ସରିତା କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିଲେ। ସରିତା ସେଠାରେ ହଷ୍ଟେଲରେ ରହୁଥିଲେ। ଗତ ଜୁଲାଇ ୨ ତାରିଖ ସନ୍ଧ୍ୟାରେ ତାଙ୍କର ଅସ୍ୱଭାବିକ ଭାବେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କ ପରିବାରକୁ ଅବଗତ କରାଯାଇଥଲା। ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବିରେ ସେତେବେଳେ କେନ୍ଦ୍ରାପଡ଼ା ଓ ପାରାଦୀପର ଦୋଛକିରେ ଛାତ୍ରୀଙ୍କ ଗ୍ରାମର ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ଏହାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଇତିମଧ୍ୟରେ ମାସେ ହେଲାଣି। ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୭/୧୧) ରୁଜୁ କରି ହାତବାନ୍ଧି ବସିଛି। ଛାତ୍ରୀଙ୍କ ମା'ବାପା ନିଜସ୍ୱ ଉଦ୍ୟମରେ ଝିଅର ସହପାଠିନୀଙ୍କଠାରୁ ଅନେକ ତଥ୍ୟ ହାସଲ କରିନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟ ୨ ଜଣଙ୍କ ପ୍ରେମ ଓ ଅନୈତିକ ସମ୍ପର୍କ ବିଷୟରେ ଜାଣିଦେବାରୁ ତାଙ୍କ ଝିଅକୁ ନିର୍ଯାତନା ଦିଆଯାଉଥିଲା ବୋଲି ସେମାନେ କହିଛନ୍ତି। ଏଥିପାଇଁ ସେ ଆତ୍ମହତ୍ୟା କରିଥିବା କିମ୍ବା ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଥିବା ସେମାନେ ସନ୍ଦେହ କରୁଛନ୍ତି। ଘଟଣା ପରେ ଝିଅର ମୋବାଇଲ ସୁଇଚ୍ଡ ଅଫ୍ ରହିବା, ମେଡିକାଲରେ ଅସୁସ୍ଥ ଥିବା ଖବର ଦେବା, ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଭୂମିକା, ଘଟଣା ପରଠାରୁ ୨ ଜଣ ଫେରାର ଥିବା ଆଦି ପ୍ରସଙ୍ଗ ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ମଧ୍ୟରେ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମା'ବାପାଙ୍କୁ ମିଳିଛି। ଏଥିରେ ଡାକ୍ତର ହ୍ୟାଙ୍ଗିଂ ବୋଲି ଦର୍ଶାଇଛନ୍ତି। ଏ ନେଇ ଛାତ୍ରୀଙ୍କ ମା'ବାପା ଏକାଧିକ ଥର କେନ୍ଦ୍ରାପଡ଼ା ଓ ଜଗତ୍ସିଂହପୁର ପୋଲିସ ଓ ପ୍ରଶାସନର ଦ୍ୱାରସ୍ଥ ହେଲେଣି। ମାତ୍ର ଝିଅର ମୃତ୍ୟୁକୁ ସବୁଠି ଆତ୍ମହତ୍ୟା ବୋଲି ତାଙ୍କୁ କୁହାଯାଉଛି। ତେଣୁ ଏଥିରେ ନିରାଶ ହୋଇ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନପତ୍ର ଲେଖିଛନ୍ତି।

## ପଞ୍ଚାୟତ ସମସ୍ୟାକୁ ନେଇ ଜିଲାପାଳଙ୍କୁ ଅଭିଯୋଗ

**ତିର୍ତ୍ତୋଲ,୧।୮(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତବାସୀ ଓ ତେନ୍ତୁଳିପଦା ଜନମଞ୍ଚ ସୁରକ୍ଷା ସମିତି ତରଫରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। କଟକ-ପାରାଦୀପ ରାସ୍ତାର ଶାରଳାରୋଡଠାରେ ଝଙ୍କଡ଼ ଶାରଳା ପୀଠର ମୁଖ୍ୟ ପ୍ରବେଶ ଫାଟକ ଉନ୍ନତିକରଣ, ସାରଳା ଦାସଙ୍କ ସମାଧିପୀଠଠାରୁ ତେନ୍ତୁଳିପଦା ମହାନ୍ତି ସାହିକୁ ବିଦ୍ୟୁତ୍ ସଂଯୋଗ, ଶାରଳାରୋଡ-କନକପୁର ରାସ୍ତାର ତେନ୍ତୁଳିପଦାଠାରେ ରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠାକୁ ଭାଙ୍ଗିବା, ବାଇଁଗୋଳ ଓ ତେନ୍ତୁଳିପଦା ଗ୍ରାମର ଚାଷଜମିକୁ ଯାଇଥିବା ତାଳଦଣ୍ଡା କେନାଲର ଏକ ଉପଶାଖା କେନାଲକୁ ଅବରୋଧ ମୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ପଞ୍ଚାୟତର ବରିଷ୍ଠ ନାଗରିକ ବିରଜାପ୍ରସନ୍ନ ପରିଜା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଜିଲାପାଳଙ୍କ ନିକଟରେ ଏହି ଦାବି ଜଣାଇଛନ୍ତି।

## ଭିନ୍ନକ୍ଷମ ମହିଳାଙ୍କୁ ସହାୟତା ପ୍ରଦାନ

**ତିର୍ତ୍ତୋଲ,୧।୮(ଡି.ଏନ.ଏ.)**

ଗରେଇ ପଞ୍ଚାୟତ ବିବଛପୁର ଗ୍ରାମର ପ୍ରକାଶ ବସନ୍ତିଆଙ୍କ ସ୍ତ୍ରୀ ସଙ୍ଗୀତା ମେରୁଦଣ୍ଡ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଶଯ୍ୟାସାୟୀ ଅଛନ୍ତି। ତାଙ୍କ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବା ସମ୍ପର୍କରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ମା'ତାରିଣୀ ହେଲ୍ପ ଗ୍ରୁପ୍ ତରଫରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗ୍ରୁପ୍‌ର ସଦସ୍ୟ ବିବେକାନନ୍ଦ ମହାନ୍ତି, ଜ୍ୟୋତିର୍ମୟ ଲେଙ୍କା, ଦିଲୀପ ନନ୍ଦୀ ପ୍ରମୁଖ ତାଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିବା ସହ ଆର୍ଥିକ ସହାୟତା ଦେଇଥିଲେ। ଆଗାମୀ ଦିନରେ ସେମାନେ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ମହିଳାଙ୍କୁ ସହାୟତା ପ୍ରଦାନ କରାଯାଉଛି।

■ ଫନୀ କ୍ଷତିଗ୍ରସ୍ତ ତାଲିକା, ଜଳସେଚନ ସମସ୍ୟା ନେଇ ତେଜିଲା ଅସନ୍ତୋଷ

## ତହସିଲ ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ

**ରଘୁନାଥପୁର,୧।୮ (ଡି.ଏନ୍.ଏ.)**



ତହସିଲଦାର କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ବାତ୍ୟା ଫନୀ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ତାଲିକା, ଖରିଫ ଋତୁରେ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ନେଇ ରଘୁନାଥପୁର ତହସିଲକୁ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ଘେରାଉ କରିଥିଲା। ପୂର୍ବରୁ ମେ ୨୭ ରେ ଭାଙ୍ଗି ଯାଇଥିବା ଘର, ମୁଗ, ବିରି ଓ ପନିପରିବା ଫସଲର ଠିକ୍ କ୍ଷୟକ୍ଷତି ଆକଳନ କରାଯିବା ନିମନ୍ତେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ଦିଆଯିବାର ୧୫ ଦିନ ପରେ ଏ ସମ୍ପର୍କିତ ତଥ୍ୟ ସଙ୍ଗଠନକୁ ପ୍ରଦାନ କରାଯିବ ବୋଲି ତହସିଲଦାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମଧ ମିଳିଥିଲା। ତେବେ ଏହା ମଧ୍ୟରେ ଦୁଇ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ତହସିଲଦାରଙ୍କ ପକ୍ଷରୁ କୃଷକ ସଙ୍ଗଠନକୁ କୌଣସି ସହଯୋଗ କରାଯାଇନାହିଁ। ଏ ସମ୍ପର୍କରେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ସଙ୍ଗଠନର ଚାଷୀଙ୍କ ପକ୍ଷରୁ ଜୁଲାଇ ୨୯ ରେ ଗୁରୁବାର ଆଲୋଚନା କରାଯିବା ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ଲିଖିତ ଅବଗତ କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ବ୍ଲକ ସଂଯୋଜକ ଶରତ ମହାପାତ୍ର ଓ ସଙ୍ଗଠନର କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଚାଷୀମାନେ ତହସିଲ ସମ୍ମୁଖରେ ସମବେତ ହୋଇଥିଲେ। ତହସିଲଦାର ପାତ୍ର ଓ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ କାର୍ଯ୍ୟାଳୟରେ ବିଳମ୍ବରେ ପହଞ୍ଚି କାର୍ଯ୍ୟାଳୟ ମଧ୍ୟକୁ ଚାଲି ଯାଇଥିଲେ। ଦୀର୍ଘ ସମୟ ଅପେକ୍ଷାରତ ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେବା ସହ ସମସ୍ତ ଚାଷୀ ତହସିଲଦାରଙ୍କ ପାଖକୁ ଯାଇ ଆଲୋଚନା କରାଯିବ ନଚେତ ତହସିଲଦାର ଚାଷୀଙ୍କ ପାଖକୁ ଆସନ୍ତୁ ବୋଲି ମତପ୍ରକାଶ ପାଇଥିଲା। ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଏସ୍‌ଡିପିଓ ଡି.ଆର. ଜେନା ଏକ ୫ ଜଣିଆ ଟିମ୍ ଆଲୋଚନା କରିବାକୁ କହିଥିଲେ ସୁଦ୍ଧା ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ତହସିଲଦାର ପାତ୍ର ଓ ଅତିରିକ୍ତ ତହସିଲଦାର ତ୍ରିପାଠୀ କାର୍ଯ୍ୟାଳୟ ପରିସର ଗେଟ୍ ପାଖରେ ଠିଆ ହୋଇ ଚାଷୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲାରେ ସମସ୍ତ ତହସିଲ କ୍ଷୟକ୍ଷତି ଜନିତ ତାଲିକା ପ୍ରସ୍ତୁତ କରି ଉପରସ୍ତରକୁ ପଠାଇଥିବା ବେଳେ ରଘୁନାଥପୁର ତହସିଲ ଏଥିରୁ ବିଚ୍ୟୁତ ରହିବା କାର୍ଯ୍ୟଦକ୍ଷତାର ପରିପନ୍ଥୀ ବୋଲି କର୍ମକର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ସପ୍ତାହକ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ କୃଷକ ସଙ୍ଗଠନ ତଥା ଚାଷୀଙ୍କ ସମସ୍ତ ଅଭିଯୋଗ ଶୁଣାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଙ୍ଗଠନ ପକ୍ଷରୁ ବୈରାଗୀ ଚରଣ ସାହୁ, ନିଗମାନନ୍ଦ ଦାସ, ବାସୁଦେବ ଦାସ, ଅଟଳ ବିହାରୀ ରାଉତ, ଘନଶ୍ୟାମ ମହାନ୍ତି, ଭାସ୍କର ମହାପାତ୍ର, ସୁକାନ୍ତ ରାଉତ, ସୁରେଶ ସାହୁ, ସୁବାସ ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ରଘୁନାଥପୁର ଆଇଆଇସି ବବିତା ଦଳାଇ, ତିର୍ତ୍ତୋଲ ଆଇଆଇସି ପି.କେ. ମିଶ୍ରଙ୍କ ସହ ପୋଲିସ ଫୋର୍ସ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### କୋରେଇ ହାଇସ୍କୁଲରୁ ଛାତ୍ରୀ ନିଖୋଜ

**କୋରେଇ,୧୮(ସ୍ୱ.ପ୍ର.):** କୋରେଇ ହାଇସ୍କୁଲକୁ ବାରଦା ବୁଢିଗଡିଆ ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ରି ପାଠ ପଢିବାକୁ ଆସିଥିଲେ। କିନ୍ତୁ ସନ୍ଧ୍ୟା ହୋଇଯାଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ଏ ନେଇ ବାପା ଖୋଜା ଖୋଜି କରିଥିଲେ ମଧ ପାଇ ନ ଥିଲେ। ଏ ନେଇ ଥନାରେ ଅଭିଯୋଗ କରିଥିବା ଜଣାପଡିଛି।

### ବ୍ଲକରୁ କାଗଜପତ୍ର ନେଲେ ଭିଜିଲାନ୍ସ ଅଧିକାରୀ

**ଚଣ୍ଡିଖୋଲ,୧୮(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତ ମାଧିଆ ପୋଖରୀ ଖନନକୁ ନେଇ ହୋଇଥିବା ମାମଲାରେ ଭିଜିଲାନ୍ସ ଅଧିକାରୀ ଗୁରୁବାର ବଡ଼ଚଣା ବ୍ଲକରେ ପହଞ୍ଚି ବିଡ଼ିଓ ଅଜିତ୍ ନାରାୟଣ ଗିରିଙ୍କଠାରୁ କାଗଜପତ୍ର ସଂଗ୍ରହ କରିଛନ୍ତି। ସୂଚନା ଅନୁଯାଇ ମାଧିଆ ପୋଖରୀ ଖନନକୁ ନେଇ ୨୦୧୮ରେ ହାଇ କୋର୍ଟରେ ମାମଲା ରୁଜୁ ହୋଇଥିଲା। ଏଥିରେ ପୋଖରୀ ଖନନରେ ଅନିମିତତା ହୋଇଥିବା ନେଇ ଭିଜିଲାନ୍ସ ତଦନ୍ତ ଦାବି କରି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ମାମଲା ରୁଜୁ କରିଥିଲେ। ଏହି ମାମଲା ସମ୍ପର୍କିତ କାଗଜପତ୍ର ଭିଜିଲାନ୍ସ ଟିମ୍ ବଡ଼ଚଣା ବ୍ଲକରେ ପହଞ୍ଚି ବିଡିଓଙ୍କ ଠାରୁ କାଗଜପତ୍ର ନେଇଥିଲେ।

### ୨ ଦିନରେ ୩ କୋର୍ଟ ଚାଲାଣ, ୭୫ ଲିଟର ମଦ ଜବତ

**କାଳିଆପାଣି,୧୮(ଡି.ଏନ୍.ଏ.):** କାଳିଆପାଣି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୨ ଦିନ ମଧ୍ୟରେ ବେଆଇନ ମଦ କାରବାର ଅଭିଯୋଗରେ ୩ ଜଣଙ୍କୁ କୋର୍ଟ ଚାଲାଣ କରିବା ସହ ୭୫ ଲିଟର ମଦ ଜବତ କରିଛି। ଗତ ମଙ୍ଗଳବାର ୨୦ ଲିଟରରୁ ଉର୍ଦ୍ଧ ଦେଶୀ ମଦ ସହ ଜଣଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଥିବାବେଳେ ବୁଧବାର ଟିଙ୍ଗୁଡ଼ିପାଳ ପଞ୍ଚାୟତ ଅଧୀନ ରଗଡ଼ିସାହିରେ ଚଢାଉ କରି ପୀତାମ୍ବର ସାହୁଙ୍କୁ ବେଆଇନ ମଦ କାରବାର ଅଭିଯୋଗରେ ଗିରଫ କରିବା ସହ ୪୦ ଲିଟର ଦେଶୀ ମଦ ଜବତ କରିଥିଲା। ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ବିଭୂତି ମହାପାତ୍ର ଏକ ଟିମ୍ ସହ ଚଢାଉ କରିଥିଲେ। ଏହିପରି ପୋଲିସ ଗୋଖତ ହୁଡ଼ିସାହିରେ ଚଢାଉ କରି ବାସୁ ଗୁନ୍ଦୁଆଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୁନ୍ଦୁଆ(୩୩)ଙ୍କୁ ଗିରଫ କରିବା ସହ ୧୫ ଲିଟର ମଦ ଜବତ କରିଛି। ଏ ନେଇ ଦୁଇଟି ପୃଥକ୍ ମାମଲା (ନଂ ୬୭/୧୯ ଓ ୬୮/୧୯) ରୁଜୁ କରାଯାଇ ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ବର୍ଷା ପାଇଁ ନାହାକାଣୀ ପୀଠରେ ଯଜ୍ଞ

**ସିଂହପୁର,୧୮(ଡି.ଏନ.ଏ):** ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷ କାର୍ଯ୍ୟରେ ବାଧା ଉପୁଜିବା ସହ ମରୁଡି ଆଶଙ୍କା ଦେଖାଦେଇଛି। ଚାଷ ଜମିରେ ଗୋରୁ ଚରୁଛନ୍ତି। ଧାନ ତଳି ଶୁଖିଯାଉଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ଏହାର ନିରାକାରଣ ପାଇଁ ବିଞ୍ଝାରପୁର ବ୍ଲକ ସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା' ଦରିଆ ନାହାକାଣୀ ପୀଠରେ ଗୁରୁବାର ବହୁ ଚାଷୀ ଏକତ୍ରିତ ହୋଇ ବର୍ଷା ପାଇଁ ଯଜ୍ଞର ଆୟୋଜନ କରିଥିଲେ।

## ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ

# ୧୧୭ କୋଟି ଖର୍ଚ୍ଚ ସତ୍ତ୍ୱେ ବଦଳୁନି ରାସ୍ତା ଅବସ୍ଥା

**ଯାଜପୁର ଅଫିସ,୧୮**

ଯାଜପୁର ଜିଲାର ମୋଟ ୧୭୮୧ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ହୋଇପାରି ନାହିଁ। ଚଳିତ ବିଧାନସଭାର ତାରକା ଚିହ୍ନିତ ପ୍ରଶ୍ନସଂଖ୍ୟା ୧୯୬ର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଏହି ଉତ୍ତର ରଖିଥିଲେ। ଏବେ ପୁଣି ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଗତ ୨୦୧୩-୧୪ରୁ ଏପର୍ଯ୍ୟନ୍ତ ୬ ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଓ ରକ୍ଷଣାବେକ୍ଷଣ ମରାମତି ନାମରେ ୧୧୭୬୧.୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ମରାମତି ହୋଇଥିବା ରାସ୍ତାଗୁଡିକର ଅବସ୍ଥା ଦେଖିଲେ କିଭଳି ଅନୁଦାନ ଅର୍ଥ ବିନିଯୋଗ ହୋଇଛି ତାହା ସହଜେ ଅନୁମେୟ। ଏହି ଅର୍ଥର ସିଂହଭାଗ ବାଟମାରଣା ହୋଇଥିବା ସ୍ପଷ୍ଟ ହେଉଛି। ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ହିଁ ଏହାର ମୁଖ୍ୟକାରଣ ବୋଲି କୁହାଯାଉଛି। ରାସ୍ତାଘାଟ ନିର୍ମାଣ ଓ ମରାମତି ପାଇଁ ବର୍ଷକୁ ବର୍ଷ ଏଭଳି କୋଟିକୋଟି ଟଙ୍କା ଆସୁଥିବାବେଳେ ଦୁର୍ବଳ ନେତୃତ୍ୱ ତଥା ଠିକାଦାରୀ ରାଜନୀତି ବିକାଶର ଧାରାକୁ ପଛରେ ପକାଇ ଦେଇଥିବା ଆଲୋଚନା ହେଉଛି। ଚଳିତ ବିଧାନସଭାରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ବିଧାନସଭା ପ୍ରଶ୍ନ ସଂଖ୍ୟା ୧୬୯୯(ତାରକା ବିହୀନ)ର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଦର୍ଶାଯାଇଛି ଯେ, ବିଭାଜନ ଅଧୀନରେ ୭୦୨.୩୮ କି.ମି ଆରଡି ଓ ୧୯୩.୯୭୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରହିଛି। ଏଥିପାଇଁ ୨୦୧୩-୧୪ ବର୍ଷରୁ ସ୍ୱତନ୍ତ୍ର ମରାମତି ବାବଦକୁ ୫୨୮୦.୧୯ ଲକ୍ଷ ଟଙ୍କା ଏବଂ ରକ୍ଷଣାବେକ୍ଷଣ ମରାମତି ବାବଦକୁ ୬୪୮୧.୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚ ପରିମାଣକୁ ଅବଲୋକନ କଲେ ବାର୍ଷିକ ହାରାହାରି ୧୯ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହି ଖର୍ଚ୍ଚ ଅନୁପାତକୁ ହିସାବକୁ ନେଲେ ରାସ୍ତା ମରାମତି ନାମରେ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ସନ୍ଦେହ କରାଯାଉଛି। ସୁକିନ୍ଦା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାଘାଟ ସବୁବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। କେବଳ ସୁକିନ୍ଦା ନୁହେଁ କୋରେଇ, ଦାନଗଦୀ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଶତାଧିକ କି.ମି. ରାସ୍ତା ଅବସ୍ଥା ଏବେ ବି ଉପଯୁକ୍ତ ଭାବେ ଗମନାଗମନ ଅନୁପଯୋଗୀ ହୋଇରହିଛି। ଅନ୍ୟପକ୍ଷେ ବିଧାନସଭା ପ୍ରଶ୍ନର ଉତ୍ତର ଅନୁଯାୟୀ, କେଉଁ ମାପଦଣ୍ଡ ଆଧାରରେ ଖର୍ଚ୍ଚ ନିର୍ଦ୍ଧାରଣ ହୋଇଛି ତାର ଉତ୍ତର ବିଭାଗ ଦେଇପାରି ନାହିଁ। ଗତ ଜୁଲାଇ ୨ରେ ଧରିତ୍ରୀରେ ଯାଜପୁର ଜିଲାର ୧୩୩ ଗ୍ରାମକୁ ସଡ଼କ ସଂଯୋଗ ହୋଇପାରି ନ ଥିବା ଖବର ପ୍ରକାଶ ପାଇଥିଲା। ଯାହାକି ସାଧାରଣ ଜନତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସରକାରଙ୍କ ଉପରେ ନକରାତ୍ମକ ଭାବନା ସୃଷ୍ଟି କରିଥିଲା। ଏହି ଅସଂଯୋଜିତ ଗ୍ରାମଗୁଡ଼ିକୁ ୨୦୧୯-୨୦ ସୁଦ୍ଧା ସଂଯୋଗୀକରଣ କରାଯିବାର ଯୋଜନା ରହିଛି ଏବଂ ଏଥିପାଇଁ ୪୮୮୨.୭୦ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି ବୋଲି ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ତାଙ୍କ ଉତ୍ତରରେ ଉଲ୍ଲେଖ କରିଥିଲେ। ଏବେ ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ମହାରଣାଙ୍କୁ ପଚାରିବାରୁ, ମରାମତି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେଉଛି। ସମସ୍ତ ଗ୍ରାମକୁ ସଡକ ସଂଯୋଗ କରିବାକୁ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି।

**ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ମରାମତି ଖର୍ଚ୍ଚ**

| ଆର୍ଥିକ ବର୍ଷ | ସ୍ୱତନ୍ତ୍ର ମରାମତି | ରକ୍ଷଣାବେକ୍ଷଣ ମରାମତି |
|---|---|---|
| ୨୦୧୩-୧୪ | ୧୦୯୨.୨୫ | ୭୦୫.୨୩ |
| ୨୦୧୪-୧୫ | ୮୩୮.୧୧ | ୧୫୩୮.୦୩ |
| ୨୦୧୫-୧୬ | ୯୫୦.୩୭ | ୧୧୩୯.୬୯ |
| ୨୦୧୬-୧୭ | ୧୦୬୩.୬୩ | ୭୭୮.୦୨ |
| ୨୦୧୭-୧୮ | ୬୧୫.୮୩ | ୬୦୬.୭୦ |
| ୨୦୧୮-୧୯ | ୭୨୦.୦୦ | ୧୭୧୪.୧୦ |
| ମୋଟ | ୫୨୮୦.୧୯ | ୬୪୮୧.୭୭ |

- ମରାମତି ନାମରେ ଅର୍ଥ ହଡ଼ପ ଯୋଜନା
- ବାର୍ଷିକ ହାରାହାରି ଖର୍ଚ୍ଚ ୧୯.୬୦ କୋଟି ଟଙ୍କା

### ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ

**ବିଞ୍ଝାରପୁର,୧୮(ଡି.ଏନ.ଏ)**

ବିଞ୍ଝାରପୁର ଥାନା ପକ୍ଷରୁ ଥାନାଧିକାରୀ ଶିବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ବୁଧବାର ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଥାନାର ସମସ୍ତ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଞ୍ଝାରପୁର ଥାନା ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ପରେ ଥାନା ପରିସରରେ ଥାନାଧିକାରୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। କମ୍ ବୟସର ପିଲାଙ୍କୁ ଗାଡି ଚଳାଇବକୁ ଅନୁମତି ଦେଉଥିବା ପରିବାର ଲୋକେ ସଚେତନ କରାଯିବା ଆବଶ୍ୟକ। ଦୈନନ୍ଦିନ ସଡ଼କ ଦୁର୍ଘଟଣାରେ ବହୁ ଧନ ଜୀବନ ହାନି ହେଉଥିବାବେଳେ ଏହା କେବଳ ସଚେତନତା ଦ୍ୱାରା ହିଁ କମାଯାଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ଆଇ ଫିରୋଜ ଏକ୍କା, ଭାଗ୍ୟଶ୍ରୀ ବେହେରା, ଏଏସ୍ଆଇ ଅଶୋକ ସ୍ୱାଇଁ, ରୁଦ୍ର ପ୍ରତାପ ନାୟକ, ଲକ୍ଷ୍ମୀପ୍ରୀୟା ମୁଦୁଲି, ଯୁଧିଷ୍ଠିର ମଲ୍ଲିକ, ଆଶିଷ କୁମାର ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଜ୍ଞା ରାୟ ପ୍ରମୁଖ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ।

## ମହାତ୍ମାଗାନ୍ଧୀଙ୍କ ୧୫୦ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରଶାସନର ପ୍ରସ୍ତୁତି

**ଯାଜପୁର ଟାଉନ,୧୮(ଡି.ଏନ.ଏ)**



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ମହାତ୍ମାଗାନ୍ଧୀଙ୍କ ୧୫୦ ବର୍ଷ ପୂର୍ତ୍ତିକୁ ଯାଜପୁର ଜିଲା ପ୍ରଶାସନ ଜିଲାବାସୀଙ୍କ ପକ୍ଷରୁ ଯଥା ମର୍ଯ୍ୟାଦାର ସହ ପାଳନ କରିବା ପାଇଁ ସ୍ଥିର ହୋଇଛି। ଏନେଇ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗାନ୍ଧୀ ଦର୍ଶନ ଓ ଆଦର୍ଶ ସମଗ୍ର ବିଶ୍ୱକୁ ପ୍ରେରଣା ଦେଇଛି ବୋଲି ଜିଲାପାଳ କହିବା ସହିତ ସରକାର ଗାନ୍ଧୀଙ୍କ ପ୍ରତିଟି ସ୍ମୃତି ଓ ସମ୍ମାନ ପ୍ରଦର୍ଶନ ପାଇଁ ୨ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଦେଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଜାନୁୟାରୀ ୩୦ ଶହୀଦ ଦିବସରେ ଏନେଇ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବାବେଳେ ବିବିଧ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲାସ୍ତରୀୟ ବିଭିନ୍ନ କମିଟି ଗଠନ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅଗଷ୍ଟ ୯ରେ ଅନୁଷ୍ଠିତ ହେବାକୁ ଥିବା କ୍ରାନ୍ତି ଦିବସରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିଦିନ ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବ। ସେହିଭଳି ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଗାନ୍ଧୀ ଦର୍ଶନ ଓ ବିଚାରଧାର ସମ୍ପର୍କରେ ଆଲୋଚନାଚକ୍ର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ। କ୍ରାନ୍ତି ଦିବସ ସମୟରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଦିଗରେ ସମସ୍ତେ କାର୍ଯ୍ୟ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟରେ ସମସ୍ତେ ସାମିଲ ହେବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଗାନ୍ଧୀ ଜୟନ୍ତୀ ଦିନ ମହାତ୍ମାଙ୍କ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସ୍ଥା ହେବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ କୁଳମଣୀ ନାୟକ, ସାମାଜିକ କର୍ମୀ ବାଇଧର ମହାପାତ୍ର, ମିହିର ପ୍ରତାପ ଦାସ, ସେକ୍ ମହମ୍ମଦ ଲୋକମାନ, ଗୁଣନିଧି ଗୁରୁ, ଭାରତୀ ଘୋଷ, ଅନିରୁଦ୍ଧ ସାମନ୍ତ ରାୟ ପ୍ରମୁଖ ଯୋଗଦେଇ ବିବିଧ ପ୍ରସ୍ତାବ ପ୍ରଦାନ କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ସଦସ୍ୟତା ଅଭିଯାନ

**ସିଂହପୁର,୧୮(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ସିଂହପୁରରେ ୨୮ନଂ ଜୋନର ଭାଜପା ପକ୍ଷରୁ ଗୁରୁବାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ନିରଞ୍ଜନ ବେଉରିଆ, ସତ୍ୟରଞ୍ଜନ ସାମଲ, ମଦନ ମୋହନ ଜେନା, ଅଭିମନ୍ୟୁ ସାହୁ, ପ୍ରଭାସ ମଲିକ, ଅସିତ ସାହୁ, ସୁଶାନ୍ତ ମହାଳିକ, ରମେଶ ସାମଲ, ଶ୍ୟାମସୁନ୍ଦର ବେହେରା, ଗୟାଧର ଜେନା, ଶିବୁନା ଜେନା, ଦୁଖୀରାମ ବେହେରା, ସତ୍ୟବ୍ରତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଭାଜପା ସଂଗଠନ ମଜଭୁତ କରିବାକୁ ଆଲୋଚନା କରିବା ସହ ଶାସକ ଦଳର ବିଭିନ୍ନ ଦୁର୍ନୀତିକୁ ବିରୋଧ କରାଯିବ ବୋଲି ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

### ଦୋକାନ ବାରଣ୍ଡାରେ ଦିବ୍ୟାଙ୍ଗ ପରିବାର ମୁଣ୍ଡ ଗୁଞ୍ଜିବା ଘଟଣା

## କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ତହସିଲଦାର

**ରସୁଲପୁର,୧୮(ଡିଏନ୍ଏ)**

ରସୁଲପୁର ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ରାଜସ୍ୱ ଗ୍ରାମର ସରକାରୀ ଜାଗାରେ ବାସ କରୁଥିବା ଦିବ୍ୟାଙ୍ଗ ଦେବକୀ ପରିବାର ଫନୀ ବାତ୍ୟା ଯୋଗୁ ବାସହରା ହୋଇଯାଇଥିଲେ। ଏହା ଭିତରେ ୩ମାସ ବିତିଯାଇଥିଲେ ହେଁ ଉକ୍ତ ପରିବାରକୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ଫଳରେ ଦିବ୍ୟାଙ୍ଗ ପରିବାର ଦୋକାନ ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଘଟଣା ସମ୍ପର୍କରେ ତଦନ୍ତ କରାଯିବା ନେଇ ରସୁଲପୁର ତହସିଲ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଆସିଥିଲା। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ କ୍ଷେତ୍ର ପରିଦର୍ଶନ କରିଥିଲେ। ଦିବ୍ୟାଙ୍ଗ ପରିବାରର ସ୍ଥିତି ସମୀକ୍ଷା କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ପରିବାରକୁ ତୁରନ୍ତ ଏକ ପଲିଥିନ ପ୍ରଦାନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ଏଥିସହ ଭୂମିହୀନ ଦିବ୍ୟାଙ୍ଗ ପରିବାରକୁ ମୋ ଘର ଡିହ ଯୋଜନାରେ ଏକ ବାସ ଉପଯୋଗୀ ଜମି ଯୋଗାଇ ଦିଆଯିବା ସହ ସରକାରୀ ଆବାସ ପ୍ରଦାନ ଦିଗରେ ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ତହସିଲ ସୁପର ଭାଇଜର ମହେଶ୍ୱର ସେଠୀ, ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧ୍ୟାକରଣର ୪ବର୍ଷ ପରେ ମହିଳା ଗର୍ଭବତୀ

## ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ନାମରେ ଅଭିଯୋଗ

**ଦଶରଥପୁର,୧୮(ଡିଏନ୍ଏ)**

ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡି ଗ୍ରାମର ଜଣେ ମହିଳା ୨୦୧୬ ମସିହା ଫେବୃୟାରୀ ୧୮ରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫ୍ୟାମିଲି ପ୍ଲାନିଂ ଅପରେଶନ କ୍ୟାମ୍ପରେ ବନ୍ଧ୍ୟାକରଣ କରାଇଥିଲେ। ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିବାବେଳେ ବର୍ତ୍ତମାନ ସମ୍ପୃକ୍ତ ମହିଳା ୩ ମାସର ଗର୍ଭବତୀ ଅଛନ୍ତି। ବନ୍ଧ୍ୟାକରଣ ସତ୍ତ୍ୱେ ସେ ଗର୍ଭବତୀ ହୋଇଥିବାରୁ ଏ ନେଇ ସେ ତାଙ୍କ ଅସ୍ତ୍ରୋପଚାର କରାଇଥିବା ଡାକ୍ତରଙ୍କ ନାମରେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଉଭୟ ସ୍ୱାମୀ, ସ୍ତ୍ରୀ ପରିବାର ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନେଇ ସ୍ତ୍ରୀଙ୍କ ଅସ୍ତ୍ରୋପଚାର କରାଇଥିଲେ ମଧ କୌଣସି ସୁଫଳ ମିଳି ନାହିଁ। ଏ ନେଇ ସମ୍ପୃକ୍ତ ମହିଳା ଗୁରୁବାର ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍‌ୟୁ ପକ୍ଷରୁ ଚିଠି ନଂ. ୪୮୧ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବିଞ୍ଝାରପୁର,୧୮(ଡି.ଏନ.ଏ)**



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ବିଞ୍ଝାରପୁର ବ୍ଲକ ବିତନାସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟ ପରିସରରେ ବୁଧବାର ନବାଗତ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ସାମଲ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ସୁନାକର ମହାକୁଡ, ଦିଲୀପ କୁମାର ଦାସ, ଅକ୍ଷୟ କୁମାର ରାଉତ, ସାଧୁ ଚରଣ ଜେନା, ଦୀପକ କୁମାର ମିଶ୍ର, ନିରଞ୍ଜନ ମହାପାତ୍ର, ଦାମୋଦର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେବାସହ ପ୍ରଥମ ପର୍ଯ୍ୟାୟରୁ ନିଷ୍ଠାବାନ ହୋଇ ନିଜର ଶୈକ୍ଷିକ ଭବିଷ୍ୟ ଗଠନ କରିବା ସହିତ ମହାବିଦ୍ୟାଳୟର ମର୍ଯ୍ୟାଦା ପୋଷଣ କରିବାକୁ ପ୍ରେରିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିବା ଅଭିଭାବକ ତଥା ଶିକ୍ଷାବିତ ନବକିଶୋର ରାଉତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ସୁନାଗରିକ ହେବାର ମନ୍ତ୍ର ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଉପସ୍ଥିତ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ଶ୍ରଦ୍ଧାର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକୁ ଅଧ୍ୟାପକ ଦାମୋଦର ବେହେରା ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

## 'ଆରଟିଆଇକୁ ଆହୁରି ସବଳ କରାଯିବା ଆବଶ୍ୟକ'

**ଯାଜପୁର ଅଫିସ,୧୮**

ସାଧାରଣ, ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କ ପାଇଁ ସୂଚନା ଅଧିକାର ଆଇନ(ଆରଟିଆଇ) ଏକମାତ୍ର ଗଣତାନ୍ତ୍ରିକ ସ୍ୱୀକୃତୀପ୍ରାପ୍ତ ଅଧିକାର ବୋଲି ୨୦୦୫ ମସିହାରୁ ପ୍ରବର୍ତ୍ତିତ ହୋଇ ଆସିଛି। ସାଂପ୍ରତିକ ଭ୍ରଷ୍ଟାଚାର, ଶାସନଗତ ସ୍ୱେଚ୍ଛାଚାରିତା, ପ୍ରଶାସନିକ ସ୍ଥାଣୁତା ଓ ଦୁର୍ନୀତି ପ୍ରତି ରାଜ୍ୟରେ କାୟା ବିସ୍ତାର କରି ଚାଲିଥିବାବେଳେ ସୂଚନା ଅଧିକାର ଆଇନ ଏଥିରେ ଅଙ୍କୁଶ ଲଗାଇବାରେ ଏକମାତ୍ର ଅସ୍ତ୍ର ଭାବେ କାମ କରୁଛି। ଏହାକୁ ଆହୁରି ସବଳ କରାଯିବା ଆବଶ୍ୟକ ବୋଲି ଓଡିଶା ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ କୁହାଯାଇଛି। ପ୍ରସ୍ତାବରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଯେ, ଏହି ସଂସ୍ଥାକୁ ସରକାରଙ୍କ ଶାସନାଧୀନ କରା ନ ଯାଇ ବରଂ ପ୍ରତି ସରକାରୀ ବିଭାଗର ମୁଖ୍ୟଙ୍କୁ ଉତ୍ତରଦାୟୀ କରାଯିବା, ଅବହେଳା ଜନିତ ଦଣ୍ଡ ବିଧାନକୁ ଆହୁରି କଡାକଡି କରାଯିବା, ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ପାଇଁ ଏହି ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଭାରତର ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ସହଜ କରିବା, ନୂତନ ଭାରତ ଗଠନ ଏବଂ ଦୁର୍ନୀତି ବିରୋଧରେ ଲଢେଇ ପାଇଁ ପ୍ରଧାନମନ୍ତ୍ରୀ ଲୋକସଭାରେ ଘୋଷଣା କରିଥିବାବେଳେ ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ଯୋଜନାଗୁଡିକର ସଫଳତା ଓ ବିଫଳତା ସମ୍ପର୍କରେ ପ୍ରତି ଏମ୍‌ପି ତଥା ବିଧାୟକଙ୍କ ଭୂମିକା ନେଇ କିପରି ତଥ୍ୟ ଆଦାୟ କରାଯିବ, ସେମାନଙ୍କୁ କିପରି ଉତ୍ତରଦାୟୀ କରାଯିବ ସେନେଇ ଅଧିକ ଶସକ୍ତ ଆଇନ ପ୍ରଣୟନ କରାଯାଇ ପାରିବ ବୋଲି ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଗତ ୫ବର୍ଷ ମଧ୍ୟରେ ୧୪୫୮ ଟି ପୁରୁଣା ଆଇନ ଉଚ୍ଛେଦ କରାଯାଇଥିଲାବେଳେ ଏବେ ୫୮ ଟି ପୁରୁଣା ଆଇନ ଉଚ୍ଛେଦ ପାଇଁ ବିଧେୟକ ଆଗତ ହୋଇଛି। କିନ୍ତୁ ଯେଉଁ ଆଇନ ଗଣତନ୍ତ୍ରର ସମସ୍ୟା ସୃଷ୍ଟି କରୁଛି ସେଭଳି ବହୁ ଆଇନ ଉଚ୍ଛେଦ ହେବାର ଆବଶ୍ୟକତା ରହିଛି। ଏପରିକି ରାଜ୍ୟ ଶାସନ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଏହି ଆଇନ ପରିସରଭୁକ୍ତ କରାଯିବାର ଯେଉଁ ପ୍ରତିବନ୍ଧକ ରହିଛି ତାହା ଦୂର କରାଯିବା ଆବଶ୍ୟକ। ବିଧାନସଭାରେ ସଦସ୍ୟମାନେ ଗୁରୁତ୍ୱ ଦେଉ ନ ଥିବା ମୌଳିକ, ସାମ୍ବିଧାନିକ, ସାର୍ବଜନୀନ ପ୍ରସଙ୍ଗଗୁଡିକ ସାଧାରଣ ନାଗରିକଙ୍କ ହାତକୁ କିପରି ଆସିପାରିବ, ସେଥିପାଇଁ ବିଧି ନ ଥିବା ବେଳେ ଏବେର ସରକାର ବିଧି ବ୍ୟବସ୍ଥା ଗ୍ରହଣ କରିପାରିଲେ ତାହା ଗଣତନ୍ତ୍ର ପାଇଁ ବଡ ସଫଳତା ହୋଇପାରିବ ବୋଲି ପରିଷଦର ଆବାହକ ହରେକୃଷ୍ଣ ପଣ୍ଡା ଓ ସଭାପତି ନିର୍ମଳଚନ୍ଦ୍ର ସାମଲ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଦ୍ୟାଳୟରେ ୫ ମାସ ମଧ୍ୟାହ୍ନ ଭୋଜନ ବନ୍ଦ

**ବରୀ,୧୮(ସ୍ୱ.ପ୍ର)**



ବରୀ ବ୍ଲକ ଅଧୀନ ବାଲିବିଲି ପଞ୍ଚାୟତର କ୍ଷେମେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚ ମାସ ହେବ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବା ଗୁରୁବାର ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥି ସହିତ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍‌ସି) ଜମା ଖାତାରୁ ୩୦ହଜାର ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଦିଲ୍ଲୀପ୍ କୁମାର ନାୟକଙ୍କ ସମେତ ସମସ୍ତ ସଦସ୍ୟ ଅଭିଯୋଗ କରିଥିବା ଜଣାପଡ଼ିଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ମୋଟ୍ ୪୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯିବାରୁ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ କମିଯାଇ ୨୭ରେ ପହଞ୍ଚିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ଜାନୁୟାରୀ ୧୯ରେ ବରୀ ବ୍ଲକ୍ ଶିକ୍ଷାଧିକାରୀ, ୨୮।୧।୧୯ରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା ବେଳେ ୨୫ ଫେବୃୟାରୀରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ମଧ୍ୟାହ୍ନ ଭୋଜନ ଯୋଗାଇଆସୁଥିବା ହରପାର୍ବତୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସୁନିତା ରାଉତ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଏସ୍ଏମ୍‌ସି ଚେୟାର ପର୍ସନ୍ ଦିଲ୍ଲୀପ୍ କୁମାର ନାୟକ କହିଛନ୍ତି। ମଧ୍ୟାହ୍ନ ଭୋଜନ ବନ୍ଦ ହେବା ଘଟଣାରେ ବରୀ ବ୍ଲକ୍ ଶିକ୍ଷାଧିକାରୀ, ଦାୟିତ୍ୱରେ ଥିବା ଏବିଓ ବାଙ୍କ ବିହାରୀ ପଣ୍ଡା ସମ୍ପୃକ୍ତ ବୋଲି କମିଟି ପକ୍ଷରୁ ଦାୟୀ କରାଯାଇଛି। ରୋଷେଇ ଘର ନିର୍ମାଣ ପାଇଁ ୫୯ ହଜାର ଟଙ୍କା ଆସିଥିବାବେଳେ ଏହା ବିଦ୍ୟାଳୟ ଜମା ଖାତାରେ ପଡ଼ିରହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ରାଜକିଶୋର ମଲ୍ଲିକଙ୍କୁ ପଚାରିବାରୁ ମଧ୍ୟାହ୍ନ ଭୋଜନ ବନ୍ଦ ହେବା ଘଟଣାକୁ ସ୍ୱୀକାର କରିଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ହରପାର୍ବତୀ ସ୍ୱୟଂ ସହାୟିକା ଗୋଷ୍ଠୀର କୌଣସି ରେକର୍ଡ଼ ପତ୍ର ନାହିଁ ବୋଲି କହିଥିଲେ। ଏହି ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଘରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଆଣି ଖାଇବାକୁ ଦେଉଥିବାରୁ ଏବେ ବନ୍ଦ କରିଦିଆଯାଇଛି। ତେବେ କୌଣସି ଟଙ୍କା ଏସ୍ଏମ୍‌ସି ଜମା ଖାତାରୁ ହଡ଼ପ କରାଯାଇ ନାହିଁ। ବରୀ ବ୍ଲକ୍ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ ଆସନ୍ତା ଶନିବାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

- ଜିଲାପାଳଙ୍କ ନିକଟରେ ଅଭିଯୋଗ କଲା ପରିଚାଳନା କମିଟି



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଏଲିଡି ଲାଇଟ୍ ବଣ୍ଟନ, ସଚେତନା ଶିବିର
### 'କମ୍ ବିଦ୍ୟୁତ ଖର୍ଚ୍ଚରେ ଅଧିକ ଆଲୋକ ମିଳିପାରିବ'

ଯାଜପୁର ରୋଡ,୧।୮(ନି.ପ୍ର.)- ଯାଜପୁର ରୋଡ ବିଦ୍ୟୁତ୍ ବିଭାଗ ତରଫରୁ ଗୁରୁବାର ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଖଣ୍ଡାହାତ ଗ୍ରାମରେ ବିପିଏଲ କାର୍ଡଧାରୀଙ୍କୁ ଏଲ୍ଇଡି ବଲ୍ବ ବଣ୍ଟନ କରାଯାଇଛି। ଏହି ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ରୋଡ୍ ବିଦ୍ୟୁତ୍ ଡିଭିଜନ୍ର ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରା ଅଧକ୍ଷତା କରିଥିଲେ। ଏଲ୍ଇଡି ବଲ୍ବର ବ୍ୟବହାର ଦ୍ୱାରା କମ୍ ବିଦ୍ୟୁତ ଖର୍ଚ୍ଚରେ ଅଧିକ ଆଲୋକ ମିଳିପାରିବ ଯାହା ଦ୍ୱାରା ଉପଭୋକ୍ତା ଉପକୃତ ହୋଇପାରିବେ ବୋଲି ଯନ୍ତ୍ରୀ କହିଥିଲେ। ଯାଜପୁର ରୋଡ୍ ବିଦ୍ୟୁତ୍ ଉପଖଣ୍ଡର ଏସ୍ଡିଓ ପାର୍ଥସାରଥୀ ଦାସ ଶିବିରରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେସ୍କୋ ୟୁଟିଲିଟିର ପ୍ରମୋଦ କୁମାର ଭଦ୍ରା, ଦଳା ସେକସନ୍ର କନିଷ୍ଠ ଯନ୍ତ୍ରୀ ମିଳନ କୁମାର ନାଥ, ଦାନଗଦୀ କନିଷ୍ଠ ଯନ୍ତ୍ରୀ ଗଦାଧର ବିନ୍ଧାଣୀ, କଳ୍ପତରୁ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ପକ୍ଷୀଙ୍କ ସୁରକ୍ଷା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ

ଚଣ୍ଡିଖୋଲ,୧।୮(ଡି.ଏନ.ଏ)- ଧିରେଧିରେ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଉଛି। ଅବାଧ ପକ୍ଷୀ ଶିକାର ସହ ଜଙ୍ଗଲ ଧ୍ୱଂସ ପାଇବା ଏହାର ମୁଖ୍ୟ କାରଣ। ପରିବେଶ ପ୍ରଦୂଷଣ ସହିତ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢି ଉଠିବା ଦ୍ୱାରା ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ସେଥିପାଇଁ ବ୍ୟାପକ ବୃକ୍ଷ ରୋପଣ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଗୁରୁବାର ବଡ଼ଚଣା ବ୍ଲକ ଧାନମଣ୍ଡଳ ହୋଲିଜେସସ ବିଦ୍ୟାଳୟ ପରିସରରେ ପକ୍ଷୀ ସୁରକ୍ଷା ଉପରେ ଅନୁଷ୍ଠିତ ସଭାରେ ଅତିଥିମାନେ ମତ ପୋଷଣ କରିଥିଲେ। ଚଣ୍ଡିଖୋଲସ୍ଥିତ ବାରୁଣାବନ୍ତ ବନ ସୁରକ୍ଷା ସମିତି ତରଫରୁ ସଭାପତି ଅନିରୁଦ୍ଧ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ପକ୍ଷୀ ସ୍ୱାଗତ ଓ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନା ଯୋଗ ଦେଇଥିଲେ। ହୋଲିଜେସସ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ପକ୍ଷୀ ସୁରକ୍ଷା ଓ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ଼ ଧରି ଶୋଭାଯାତ୍ରାରେ ବାହାରି ଧାନମଣ୍ଡଳ ବଜାର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ କ୍ଷୀରୋଦ ଚନ୍ଦ୍ର ଜେନା ଯୋଗଦେଇ ପକ୍ଷୀଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରମାନେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବନପାଳ ଶଶିଭୂଷଣ ବେହେରା ଯୋଗଦେଇ ବ୍ୟାପକ ବୃକ୍ଷରୋପଣ, ଅବାଧ ପକ୍ଷୀ ଶିକାର ରୋକିବା ଓ ପକ୍ଷୀଙ୍କ ସୁରକ୍ଷା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ। ସମରେନ୍ଦ୍ର ମାହାଲା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ବନ ସୁରକ୍ଷା ସମିତିର ସମ୍ପାଦକ ମାନସ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ପ୍ରଶନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲାବେଳେ ଅଶୋକ କୁମାର ରଣା ଧନ୍ୟବାଦ ଦେଇଥିଲେ। ବରୁଣାବନ୍ତ ବନ ସୁରକ୍ଷା ସମିତି ତରଫରୁ ହୋଇଥିବା ପରିବେଶ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା।

■କାମରେ ଆସୁନି ଚାଷୀ ସଚେତନତା କାର୍ଯ୍ୟକ୍ରମ

# ଶିବିର ନାଁରେ ଅର୍ଥ ହରିଲୁଟ୍ ମସୁଧା

■ଗୋଟିଏ ଦିନରେ ଦୁଇଟି ଶିବିର ଆୟୋଜିତ
■ଶିବିରର ଫଟୋ ଉଠାଇ ଅର୍ଥ ହଡପ ମସୁଧା ଅଭିଯୋଗ

ରସୁଲପୁର,୧।୮(ଡିଏନଏ)



ଚାଷୀଙ୍କ ସରଳତାର ସୁଯୋଗ ନେଉଛି କୃଷି ବିଭାଗ। ଚାଷୀଙ୍କ ନାଁରେ କୋଟି କୋଟି ଟଙ୍କା ହଡ଼ପ୍ କରାଯାଉଛି। ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ବାଟରେ ଚଳୁ ହୋଇଯାଉଛି। କୃଷକଙ୍କ ଅର୍ଥ ହେରଫେର ହେବାରେ କୃଷି, ସମବାୟ ବିଭାଗର ସିଂହଭାଗ ରହୁଥିବା କୁହାଯାଉଛି। ରସୁଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏକ ଚାଷୀ ସଚେତତନା ଶିବିରରୁ ଏହା ପ୍ରମାଣିତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ଯୋଜନାରେ ଚାଷୀଙ୍କୁ ବିହନ ବିଶୋଧନ ପ୍ରଶିକ୍ଷଣ ଶିବିର ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତ୍ତା ମିଶନ ଜରିଆରେ କ୍ଷେତ୍ର ଦିବସ ପାଳନ କରାଯାଇଛି। ମାତ୍ର ଚାଷୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶିବିର ଚାଷୀଙ୍କ କାମରେ ଆସିନାହିଁ। ବିଭାଗ ପକ୍ଷରୁ କେତେଜଣ ହାତଗଣତି ଚାଷୀଙ୍କୁ ନେଇ ଗୋଟିଏ ସମୟରେ ଏକାଧିକ ଶିବିର ଆୟୋଜନ କରି ଅର୍ଥ ହଡ଼ପ କରିବାକୁ ମସୁଧା କରାଯାଉଛି ବୋଲି ଅଭିଯୋଗ ହେଉଛି।

୨୦୧୮-୧୯ କୃଷି ବର୍ଷରେ ଖରିଫ ଓ ରବି ଋତୁରେ ଚାଷୀଙ୍କୁ ସଚେତନ କରାଯିବା ପାଇଁ ନାନା ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ଜରିଆରେ ଖରିଫ ଋତୁରେ ବିଶେଷ କରି ଧାନ, ମୁଗ ଚାଷୀଙ୍କୁ ବିହନ ବିଶୋଧନ ପାଇଁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଏଭଳି କରିବା ଦ୍ୱାରା ଚାଷୀଙ୍କୁ ଅଳ୍ପ ବିହନରେ ଅଧିକ ଅମଳ ମିଳିବ। ଅମଳ ପରେ ତା'ର ଉତ୍ପାଦିତ ଦ୍ରବ୍ୟକୁ କିଭଳି ଗଚ୍ଛିତ ରଖିବ, ପ୍ରାକୃତିକ ବିପର୍ଯ୍ୟୟ ଓ ରୋଗପୋକ ଦାଉରୁ ରକ୍ଷା ପାଇପାରିବ, ଦ୍ରବ୍ୟକୁ ବିକ୍ରି ପାଇଁ ମଣ୍ଡିରେ ସୁଯୋଗ ସୃଷ୍ଟି କରାଯିବ, ଚାଷୀମାନେ ସେମାନଙ୍କ ଦ୍ରବ୍ୟ ବିନିମୟରେ ଉଚିତ ମୂଲ୍ୟ ପାଇପାରିବେ ସେ ଦିଗରେ ଜାତୀୟ ଯୋଜନା କ୍ଷେତ୍ର ଦିବସ ଜରିଆରେ ଚାଷୀଙ୍କୁ ସଚେତନ କରାଯିବ। ଧାନ ବିହନ ବିଶୋଧନ ପାଇଁ ସଚେତନତା ଶିବିର ଏପ୍ରିଲରୁ ଜୁନ୍ ମଧ୍ୟରେ ଶେଷ କରିବାକୁ ବିଧିରେ ଉଲ୍ଲେଖ ରହିଛି। ମାତ୍ର ଚାଷୀ ସ୍ୱଳ୍ପ ମିଆଦି ଧାନ ବୁଣିବା ଓ ଦୀର୍ଘ ମିଆଦି ଧାନଚାଷ ପାଇଁ ତଳି ପକାଇବା କାର୍ଯ୍ୟ କେବେଠାରୁ ସାରିଲାଣି। ଆଉ ଦିନ କେଇଟା ପରେ ସ୍ୱଳ୍ପ ମିଆଦି ଧାନ ଅମଳ ହେବ। ତେବେ କୃଷି ବିଭାଗ ପକ୍ଷରୁ ଏହି ବ୍ଲକର ବାରବାଟୀ ପଞ୍ଚାୟତର ବରଜପୁର ଗାଁରେ ଜୁଲାଇ ୨୫ରେ ଏକ ଦିବସୀୟ ବିହନ ବିଶୋଧନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଧାମ ଅମଳ ହେବା ବେଳକୁ ବିହନ ବିଶୋଧନ ଶିବିର କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏହାଛଡା ଶିବିରଟି ୧୦୦ଜଣ ଚାଷୀଙ୍କୁ ନେଇ ଅନୁଷ୍ଠିତ ହେବାର ନିୟମ ରହିଛି। ପ୍ରତ୍ୟେକ ଚାଷୀଙ୍କ ପାଇଁ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବା ସହ ମାଗଣାରେ ବିହନ ବିଶୋଧନ ଔଷଧ ପୁଡିଆ ପ୍ରଦାନ କରିବାର ନିୟମ ରହିଛି। ମାତ୍ର ସେ ସବୁ ନିୟମକୁ ଆଦୌ ପାଳନ କରାଯାଇ ନାହିଁ । ଉକ୍ତ ଶିବିର ମାତ୍ର ୨୦/୨୫ଜଣ ଚାଷୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଗୋଟିଏ କାର୍ଯ୍ୟକ୍ରମରେ କେବଳ ବ୍ୟାନର ବଦଳାଇ ୨ଟି ଶିବିର ଆୟୋଜନ କରାଯାଇଥିବା ଦର୍ଶାଯାଇଥିଲା।

ପ୍ରକାଶ ଥାଉ କି, ଏହି ପଞ୍ଚାୟତରେ କୃଷି ବିଭାଗ ପକ୍ଷରୁ ଚକଓ୍ୱାରୀ ମୁଗ ଚାଷ କରାଯାଇଥିଲା। ସେଥିପାଇଁ ଚାଷୀଙ୍କୁ ମୁଗ ବିହନ ପ୍ରଦାନ କରାଯାଇଥିଲା ଏବଂ ଫନୀ ବାତ୍ୟାରେ ଏହି ପଞ୍ଚାୟତରେ ଜଣେ ମାତ୍ର ମୁଗଚାଷୀ ପ୍ରଭାବିତ ହୋଇଥିଲେ ବୋଲି ଦର୍ଶାଯାଇଥିଲା। ୩ମାସ ତଳୁ ମୁଗ ଫସଲ ଅମଳ ସରିଲାଣି। ତେବେ କେଉଁ କାରଣରୁ ବିହନ ବିଶୋଧନ ଶିବିରରେ କ୍ଷେତ୍ର ଦିବସ ଉଲ୍ଲେଖ ଥିବା ଏକ ବ୍ୟାନର ଟାଙ୍ଗି ଫଟୋ ଉଠାଯାଇଥିଲା, ତାହାକୁ ନେଇ ପଞ୍ଚାୟତର ସମିତିସଭ୍ୟ ଚୈତନ୍ୟ ନାୟକ ସନ୍ଦେହ ପ୍ରକଟ କରିଛନ୍ତି । ଗୋଟିଏ ବୈଠକ ଆଳରେ ଏକାଧିକ ସଚେତନତା ଶିବିରର ଫଟୋ ଉଠାଇ ଚାଷୀଙ୍କ ପାଇଁ ଆସିଥିବା ଅର୍ଥକୁ ହଡପ କରିବା ପାଇଁ ମସୁଧା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଉକ୍ତ ଶିବିରରେ ଜିଲା କୃଷି କାର୍ଯ୍ୟାଳୟ, ଧର୍ମଶାଳା ଜୋନ୍ର ଅଧିକାରୀ ପ୍ରଦୀପ କୁମାର ସାହୁ, ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ, ଗ୍ରାମ୍ୟ କୃଷି ସେବକ ଚନ୍ଦନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାୟ ୧ ଘଣ୍ଟା ମଧ୍ୟରେ ଶିବିର ଶେଷ ହୋଇଥିଲା। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ, ଗୋଟିଏ ସ୍ଥାନରେ ୨ଟି ଶିବିର ଆୟୋଜନ କରିଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି । ସଚେତତନା ଶିବିର ଆୟୋଜନ କରିବାର ଅବଧି ସରିଗଲାଣି। ତେଣୁ ଏହାକୁ ବିଶେଷ ଗୁରୁତ୍ୱ ନ ଦେଇ ଗୋଟିଏ ବୈଠକରେ ୨ଟି କାର୍ଯ୍ୟକ୍ରମ ସାରିଦେଇଥିଲେ। ଚଳିତବର୍ଷ ଆହୁରି ୮ଟି ସଚେତନତା ଶିବିର ଆୟୋଜନ ହେବ। ସେସବୁ ଶିବିର ରବି ଋତୁରେ ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ କର୍ମଶାଳା

ଯାଜପୁର ରୋଡ,୧।୮(ନି.ପ୍ର.)

ଯାଜପୁର ଜିଲା ଶିଳ୍ପକେନ୍ଦ୍ର ଏବଂ ଆଲ୍ଲାବାଦ ବ୍ୟାଙ୍କର ମିଳିତ ସହଯୋଗରେ ଗୁରୁବାର ଯାଜପୁର ରୋଡସ୍ଥିତ ଉଚ୍ଛବପ୍ୟାଲେସ୍ଠାରେ କ୍ଷୁଦ୍ର ଉଦ୍ୟୋଗ ଶିଳ୍ପସଂସ୍ଥା(ଏମ୍ଏସ୍ଏମ୍ଇ) ପ୍ରକଳ୍ପ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡିଜିଏମ୍ ସନ୍ଦୀପ ଗୋଷଲ, ଫେରୋକ୍ରୋମ କାରାଖାନା ପରିଚାଳନା ନିର୍ଦ୍ଦେଶକ ବୀରକିଶୋର ସାହୁ, ଶିଳ୍ପ ଅଧିକାରୀ ଗୌରହରି ସିଅଳ, ଆଲ୍ଲାବାଦ ବ୍ୟାଙ୍କ ଯାଜପୁର ରୋଡ ଶାଖାର ପରିଚାଳକ ପ୍ରାର୍ଥସାରଥୀ ନାୟକ, ଯାଜପୁର ଟାଉନ ପରିଚାଳକ ସାଇସୌଦାମିନୀ ରଣା, ବାଲେଶ୍ୱର ବ୍ରାଞ୍ଚର ପ୍ରତିନିଧି ଚନ୍ଦ ଯେନା ଯୋଗ ଦେଇଥିଲେ। ଏହ ଅବସରରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବତୀଯୁବକ ଏମ୍ଏସ୍ଏମ୍ଇ ଯୋଜନାରେ କିପରି ସ୍ୱାବଲମ୍ବି ହୋଇପାରିବେ ସେଥିପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

### ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୧।୮(ସ୍ୱ.ପ୍ର.)

ପାଣିକୋଇଲି ପୋଲିସ ବୁଧବାର ସନ୍ଧ୍ୟାରେ କରଦା ମୁଣ୍ଡା ସାହିରେ ଚଢାଉ କରି ବେଆଇନ ବ୍ୟବସାୟ ଅଭିଯୋଗରେ ଜଣଙ୍କୁ ଗିରଫ କରିବା ସହ ୧୧ ବୋତଲ ବିଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଗଣେଶ ମୁଣ୍ଡା(୨୧)। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୩/୧୯) ରୁଜୁକରି ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଛି।

## ବୀମା ରାଶିରୁ ବଞ୍ଚିତ ଚାଷୀ, ସମବାୟ ସମିତି ଆଗରେ ଧାରଣା

ଦଶରଥପୁର,୧।୮(ଡିଏନ୍ଏ)

ଦଶରଥପୁର ବ୍ଲକ ଅଧୀନ ଦଶରଥପୁର ସମବାୟ ସମିତି ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷଲାଗି ଚାଷରେ ହୋଇଥିବା କ୍ଷତି ପାଇଁ ବୀମା କମ୍ପାନୀ ପକ୍ଷରୁ ୭,୮୩୫ ଜଣ ଚାଷୀଙ୍କୁ ୧୨କୋଟି ୯୭ଲକ୍ଷ ୬୭ହଜାର ୫୦୩ ଟଙ୍କା କ୍ଷତି ପୂରଣ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି। ମାତ୍ର ଦଶରଥପୁର ସମବାୟ ଅଧୀନରେ ଥିବା ପାଲଟପୁର ପ୍ରାଥମିକ ସମବାୟ ସମିତି ଅନ୍ତର୍ଗତ ଜାଫରପୁର ପଞ୍ଚାୟତର ଜଣେ ବି ଚାଷୀ ଏହି ବୀମା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ସେମାନେ ଗୁରୁବାର ପାଲଟପୁର ପ୍ରାଥମିକ ସମବାୟ ସମିତି ସମ୍ମୁଖରେ ଗଣଧାରଣାରେ ବସିଥିଲେ। ପାଲଟପୁର ଓ ଜାଫରପୁର ପଞ୍ଚାୟତର ଚାଷଜମି ଗୋଟିଏ ସ୍ଥାନରେ ହୋଇଥିବାବେଳେ ପାଲଟପୁର ଚାଷୀ ବୀମା ଅର୍ଥ ପାଇଥିବାବେଳେ ଜାଫରପୁର ଚାଷୀ ଏହି ଅର୍ଥରୁ କିଭଳି ବଞ୍ଚିତ ହେଲେ ବୋଲି ପ୍ରଶ୍ନ କରିଛନ୍ତି। ଜାଫରପୁର ପଞ୍ଚାୟତର ସୁରେନ୍ଦ୍ର କୁମାର ବେହୁରିଆ, ଶରତ ଚନ୍ଦ୍ର ଯେନା, ସୁରେନ୍ଦ୍ର ଦାସ, ଚୌଧୁରୀ ଯେନା, ଗୁରୁବାରୀ ସାହୁ, ବେଣୁଧର ମଲ୍ଲିକ୍, ସନାତନ ଯେନା, ଖଗେଶ୍ୱର ଦାସ, ସୁଶାନ୍ତ ସାହୁ, ଗୌରାଙ୍ଗ ଚରଣ ମଲ୍ଲିକ ଏପରି ଶତାଧିକ ଚାଷୀ ବୀମା ଅର୍ଥରୁ ବଞ୍ଚିତ ହେବା ନେଇ ଧାରଣାରେ ବସିଥିଲେ। ଉକ୍ତ ସମବାୟ ସଭାପତି ମନୋରଞ୍ଜନ ଦାସ ଏବଂ ସମବାୟ ସମ୍ପାଦକ ରଞ୍ଜନ ପତ୍ରୀ ଧାରଣାକାରୀଙ୍କ ପାଖକୁ ଯାଇ ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଧାରଣାକାରୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି।

## ଗଛ ନଷ୍ଟ କରାଯାଉଥିବା ଅଭିଯୋଗ

କୋରେଇ,୧।୮(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତର ଗୋହିରାଗଡିଆ ଗ୍ରାମରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଗଛଗୁଡିକୁ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୩/୧୯)ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡିଛି। ପ୍ରକାଶ, ଯେ ଗୋହିରା ଗଡିଆ ଗ୍ରାମରେ ବନ ବିଭାଗ ପକ୍ଷରୁ ବନୀକରଣ ନେଇ ଗଛ ଲଗାଯାଇଛି। ମାତ୍ର ଗ୍ରାମର ଶରତ ଦାସ ଉକ୍ତ ଗଛଗୁଡିକୁ ନଷ୍ଟ କରିଦେଇଥିବା ନେଇ ରଗଡି ବିଟ ହାଉସ ଅଧିକାରୀ ବେଣୁଧର ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଅଗ୍ନିକାଣ୍ଡକୁ ୪ମାସ ବିତିଲା ମିଳିପାରୁନି ପରିବାରକୁ ସହାୟତା

ଜେନାପୁର,୧।୮(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ପଣସପଡ଼ିଆ ଗ୍ରାମର ରମେଶ ମଲ୍ଲିକଙ୍କ ଘର ୪ ମାସ ହେବ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ପୋଡ ଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ସହାୟତା ମିଳି ପାରି ନାହିଁ। ଫଳରେ ଅନେକ ସମୟରେ ରମେଶ ତାଙ୍କ ସ୍ତ୍ରୀ, ୩ ଝିଅ ଓ ପୁଅଙ୍କୁ ନେଇ ଅନ୍ୟଜଣଙ୍କ ଘରେ ରହୁଛନ୍ତି। ଅଗ୍ନିକାଣ୍ଡ ପରେ ସରକାରଙ୍କ ତରଫରୁ ମିଳିଥିବା ଜରିପାଲଟି ଗତ ଫନୀ ବାତ୍ୟାରେ ପାଲ ଖଣ୍ଡିକ ନଷ୍ଟ ହେଇଯାଇଛି । ଯାହାଫଳରେ ବର୍ଷାଦିନେ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ମୋ କୁଡିଆ ବା ବିଜୁ ପକ୍କାଘର ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

ଧର୍ମଶାଳା,୧।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ୫(କ) ଜାତୀୟ ରାଜପଥ କଣ୍ଟିଗଡିଆ ଛକସ୍ଥିତ ଏକ ପାନ ଦୋକାନରେ ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ପୋଲିସ ବୁଧବାର ରାତିରେ ଚଢାଉ କରିଥିଲା। ଏହି ସମୟରେ ପାନ ଦୋକାନୀ ଜ୍ୟୋତିରଞ୍ଜନ ଓଝା ମଦ ବିକ୍ରି କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ସହ ୨୫ ବୋତଲ ବିଦେଶୀ ମଦ ଜବତ କରିଥିଲା। ଏ ନେଇ ଏକ ମାମଲା (୩୦୯/୧୯) ରୁଜୁକରି ଗୁରୁବାର ଜ୍ୟୋତିରଞ୍ଜନଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ନାବାଳିକା ଉଦ୍ଧାର, ଅପହରଣକାରୀ ଯୁବକ ଗିରଫ

ଧର୍ମଶାଳା,୧।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବକ ଭଦ୍ରକ ଜିଲାର ଜଣେ ନାବାଳିକାଙ୍କୁ ଗତ ବର୍ଷ ଜୁଲାଇରେ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାର ପିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୮୪/୧୮) ରୁଜୁକରି ତଦନ୍ତ ଚଳାଇଥିଲା। ଉଭୟେ ନାବାଳିକା ଓ ଅପହରଣକାରୀ ଧର୍ମଶାଳା ଥାନା ଜଳେଶ୍ୱରପୁର ଗ୍ରାମରେ ଥିବା ଖବର ପାଇ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀ ଯୁବକ ରଞ୍ଜନ ମଲ୍ଲିକକୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଛି । ଶୁକ୍ରବାର ନାବାଳିକାଙ୍କୁ ଯାଜପୁର କୋର୍ଟରେ ହାଜର କରାଯିବା ସହ ରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ୩ ବ୍ରାଉନ୍ ସୁଗାର ବ୍ୟବସାୟୀ କୋର୍ଟ ଚାଲାଣ

ଯାଜପୁର ରୋଡ,୧।୮(ନି.ପ୍ର)

ଯାଜପୁରପୁର ରୋଡ୍ ଗୋପବନ୍ଧୁ ନଗରର ନହକା ଛକଠାରେ ଗିରଫ ହୋଇଥିବା ୩ ବ୍ରାଉନ୍ ସୁଗାର ବ୍ୟବସାୟୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ଗୁରୁବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ ଏସଡିପିଓ କେଦାରନାଥ ସାହୁ ସୂଚନା ଦେଇଛନ୍ତି। ଯାଜପୁରରୋଡ୍ ଅଞ୍ଚଳରେ ଏହି ବ୍ୟବସାୟୀମାନେ ନିଜର କାରବାର ବିସ୍ତାର କରିବାରେ ଲାଗିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଏହାକୁ ନେଇ ଯାଜପୁର ଏସ୍ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କାର୍ଡ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏହି କ୍ରମରେ ବୁଧବାର ନହକା ଛକଠାରେ ବ୍ରାଉନ୍ ସୁଗାର ବ୍ୟବସାୟ ହେଉଥିବା ଖବର ଥାନା ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ସୁଶିଲ୍ କୁମାର ନାୟକ ଏକ ଟିମ୍ ସହ ଚଢାଉ କରିଥିଲେ।ଏହି ସମୟରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ୯୭ ପ୍ୟାକେଟ ପୁଡିଆ ମୋଟ ୯ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ, ବାଇକ, ନଗଦ ୨୦ ହଜାର ୭୪୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରଶଉନ୍ ସୁଗାରର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱହେବ। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ରୋଡ ପଦ୍ମପୁର ଅଞ୍ଚଳର ଦିଲୀପ ମହାନ୍ତି(ମଣ୍ଟୁ), ଦଳାରେ ଭଡା ରହୁଥିବା ସଞ୍ଜିତ୍ ସିଂ, ରୋଡ ରାଇସମିଲ ଅଞ୍ଚଳର ବରିସା ମୁର୍ମୁ(ବାବୁଲି)। ଏ ନେଇ ଏକ ମାମଲା (ନଂ ୨୧୯/୧୯) ରୁଜୁ କରି ୨୧(ବି)ଏନ୍ଡିପିଏସ ଧାରାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନ ମିଳିବାରୁ ସମସ୍ତଙ୍କୁ ରଗଡି ସ୍ଥିତ ଯାଜପୁର ରୋଡ ଉପକାରାଗାରକୁ ପଠାଯାଇଛି । ତେବେ ବାଲେଶ୍ୱରରେ ଜଣେ ମହିଳାଙ୍କୁ ଏହି କାରବାରରେ ଗିରଫ କରିବା ପରେ ଯାଜପୁର ଜିଲାରେ ବ୍ରାଉନ୍ ସୁଗାର ବ୍ୟବସାୟ କମିବାରେ ଲାଗିଛି। ଏହି ବ୍ରାଉନସୁଗାର କେଉଁଠୁ ଆସୁଛି ସେ ନେଇ ଅଭିଯୁକ୍ତ ମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଏସଡିପିଓ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି, ସବ-ଇନିସ୍ପେକ୍ଟର ପବିତ୍ର ମହାରଣା, ସୁଶିଲ କୁମାର ମହାରଣା ଓ ରାଜେସ କୁମାର ସେଠି ପ୍ରମୁଖ ଉପସ୍ଥିତି ଥିଲେ ।



ଗିରଫ ହୋଇଥିବା ୩ ଅଭିଯୁକ୍ତ ।

## ତହସିଲ ପକ୍ଷରୁ ଚଢାଉ: ଜେସିବି, ଟିପ୍ପର୍ ଜବତ

ଧର୍ମଶାଳା,୧।୮(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅଞ୍ଜିରା ପାହାଡରେ ଗୁରୁବାର ଚଢାଉ କରି ବେଆଇ ଭାବେ ଖନନ କରୁଥିବା ଏକ ଜେସିବି ସହ ମାଣ୍ଡିଆ ଛକରୁ ଏକ ଟିପ୍ପର ଜବତ କରିଛି। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଓ ସହକର୍ମୀ ଚଢାଉରେ ସାମିଲ ହୋଇଥିଲେ। ଏହି ସମୟରେ ତହସିଲ ପକ୍ଷରୁ ନିଲାମ ହୋଇ ନ ଥିବା ଅଞ୍ଜିରା ପାହାଡର ଏକ କଳାପଥର ଖାଦାନରେ ପଥର ମାଫିଆମାନେ ଜେସିବି ସାହାଯ୍ୟରେ ଖନନ କରୁଥିବାବେଳେ ଉକ୍ତ ଜେସିବିକୁ ଜବତ କରିଥିଲେ। ପରେ ୫୩ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାବେ କଳାପଥର ପରିବହନ କରୁଥିବା ଏକ ଟିପ୍ପରକୁ ମାଣ୍ଡିଆ ଛକ ନିକଟରୁ ଜବତ କରିଥିଲେ। ବୁଧବାର ଆରୁହା ପାହାଡରୁ ବେଆଇନ ଭାବେ ପରିବହନ କରୁଥିବା ୬ଟି ଜବତ ଟ୍ରକ୍ ମଧ୍ୟରୁ ୨ ଟ୍ରକ୍ ମାଲିକଙ୍କଠାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଛଡାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

## ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ଖାଦ୍ୟ

କାଳିଆପାଣି,୧।୮(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ବହୁ ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଗଢିଉଠିଛି। ଏହି ଦୋକାନୀ ମାଲିକମାନେ ବିନା ଲାଇସେନ୍ସରେ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଛନ୍ତି। ଅପରପକ୍ଷେ ଗ୍ରାହକମାନେ ଦୋକାନରେ ଖାଇ ସାରିବା ପରେ ବିଭିନ୍ନ ସ୍ଥାନରେ ଠୋଲା, ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପକାଉଛନ୍ତି। ଏହାକୁ ସଫା ନ କରାଯିବାରୁ ପରିବେଶ ଦୂଷିତ ହେବାରେ ଲାଗିଛି। ଖାଦ୍ୟ ନିରୀକ୍ଷକ କିମ୍ବା ସ୍ୱାସ୍ଥ୍ୟ ଅଧିକାରୀ ଘଟଣା ସମ୍ପର୍କରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କାଳିଆପାଣି ଖଣି ଅଞ୍ଚଳ ଟାଟା, କାଳିଆପାଣି, କୋଳିପଶି ବଜାରରେ ଏବେ ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନୀଙ୍କ ପସରା ମେଲିଛି। ସକାଳୁ ସଞ୍ଜ ବିଭିନ୍ନ ଦୋକାନରେ ଗ୍ରାହକଙ୍କ ଭିଡ ଜମିବାରେ ଲାଗିଛି। ହେଲେ ଅଧିକାଂଶ ବ୍ୟବସାୟୀ ବିନା ଲାଇସେନ୍ସରେ ରାସ୍ତା କଡ଼ରେ ବ୍ୟବସାୟ କରୁଛନ୍ତି। ଅଞ୍ଚଳକୁ ଖାଦ୍ୟ ନିରୀକ୍ଷକ କି ସ୍ୱାସ୍ଥ୍ୟ ଅଧିକାରୀ ଆସୁ ନ ଥିବାରୁ ଏମାନଙ୍କ କାରବାର ବୃଦ୍ଧି ପାଇବାରେ ଲାଗିଛି। ବ୍ୟବସାୟୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ସମାଗ୍ରୀ ପ୍ରସ୍ତୁତ କରୁଥିବାବେଳେ ଖାଦ୍ୟଗୁଡିକୁ ଘୋଡାଇକି ମଧ୍ୟ ରଖୁ ନାହାନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ମଶା, ମାଛି ଓ ଅନ୍ୟାନ୍ୟ ପୋକଜୋକ ଖାଦ୍ର ଉପରେ ବସିଯାଉଛନ୍ତି। ଫଳରେ ଖାଦ୍ୟ ସାମଗ୍ରୀ ଦୂଷିତ ହେଉଛି। ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର ହେଉଥିବା ବିଭିନ୍ନ କୃତ୍ରିମ ରଙ୍ଗ ଭିନେଗାର, ସୋୟାବିନ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ବ୍ୟବହାର ହେଉଛି। ଯାହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି ଜଣାପଡିଛି। ଅପରପକ୍ଷେ ଦୋକାନ ପାଖରେ ବିଭିନ୍ନ ଅଳିଆ ଆବର୍ଜନା, କାଗଜ, ସୋଲ ଠୋଲା ଜମା ହେବା ଦ୍ୱାରା ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ବିଶେଷ କରି ସ୍ଥାନୀୟ ଅଞ୍ଚଳରେ ଅନେକ ସମୟରେ ବିଭିନ୍ନ ଉତ୍ସବ ପାଳନ ସମୟରେ ଏହି ସମସ୍ୟା ବେଶି ଦେଖା ଦେଉଛି। ଏ ଦିଗରେ ପରିବାର କଲ୍ୟାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଦାବି ହୋଇଛି। ଏ ନେଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟଦେବ ନନ୍ଦଙ୍କ ମତାମତ ମିଳିପାରି ନାହିଁ।

■ ୧୪ ଦିନରେ ଖଣିରେ ଅର୍ଥନୈତିକ ଅବରୋଧ

## ରାଜ୍ୟ ସିଭିଲ ସୋସାଇଟି ଫୋରମର ସମର୍ଥନ

ସୁକିନ୍ଦା,୧।୮(ଡି.ଏନ୍.ଏ.)

ସୁକିନ୍ଦା କ୍ରୋମ ଭ୍ୟାଲିରେ ଲୋଡିଂ ନ ମିଳିବା ଓ ହାଇକୋର୍ଟଙ୍କ ଫାଷ୍ଟ କମ ଫାଷ୍ଟ ଲୋଡିଂ ନିୟମକୁ ନେଇ ଜୁଲାଇ ୧୯ରୁ କୁହିକା ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ୍ ମାଲିକ ସଂଘ ପରିବହନ ବନ୍ଦ ଆନ୍ଦୋଳନ ଜାରି ରଖିଛି । ଇତି ମଧ୍ୟରେ ୧୪ ଦିନ ବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳ ଗୁରୁବାର ଆନ୍ଦୋଳନକୁ ସମର୍ଥନ ଜଣାଇଛି ରାଜ୍ୟ ସିଭିଲ ସୋସାଇଟି ଫୋରମ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଉପେକ୍ଷିତ ଟ୍ରକ୍ ମାଲିକଙ୍କ ଅଭିଯୋଗ ସତ୍ତ୍ୱେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ କାର୍ଯ୍ୟକାରୀ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହାନ୍ତି । ଏହାକୁ ନେଇ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ତଥା ଜାତୀୟ ମାନବାଧିକାର କମିଶନର ଏନଜିଓ କୋର କମିଟି ସଦସ୍ୟ ପ୍ରଦୀପ ପ୍ରଧାନ, ସୂଚନ ଅଧିକାର ଅଭିଯାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭକ୍ତି ରଞ୍ଜନ ପଲେଇ, କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସହୁ, ତପନ ପାଢୀ, ପର୍ଣ୍ଣ ଚନ୍ଦ୍ର ସାହୁ , ମଳୟ ତ୍ରିପାଠୀ, ଉଦୟ ପ୍ରଧାନ ପ୍ରମୁଖ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ, କୁହିକାକୁ ନୈତିକ ସମର୍ଥନ ଦେଇ ରାଜ୍ୟ ସ୍ତରରେ ଏହି ଦାବିକୁ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ୪୮ ଘଣ୍ଟା ମଧ୍ୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କଲେ ରାଜ୍ୟ ସରକାରଙ୍କ ବିରୋଧରେ ପୋଲିସ ମୁଖ୍ୟାଳୟ ଠାରୁ ଆରମ୍ଭ କରି ରାଜଧାନୀରେ ତୀବ୍ର ଆନ୍ଦୋଳନ କରିବା ନେଇ ପ୍ରଧାନ ଚେତାବନୀ ଦେଇଛନ୍ତି ।




ସୁକିନ୍ଦା କ୍ରୋମାଇଟ୍ ଖଣି ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ।

## ସଂକ୍ଷେପରେ

### କାରଗିଲ୍ ବିଜୟ୍ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୧।୮ (ସ୍ୱ.ପ୍ର): ** ପଟ୍ଟାମୁଣ୍ଡାଇ କଲେଜ ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ମଙ୍ଗଳବାର କାରଗିଲ୍ ବିଜୟ୍ ଦିବସ ପାଳିତ ହୋଇଥିଲା । ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧାପକ ବିଜୟ୍ କୁମାର ମହାନ୍ତି , ଡ. ଦୁଃଶାସନ ପରିଡା ଓ ଗୋକୁଳ ଚନ୍ଦ୍ର ଦାସ ଯୋଗଦେଇ ଭାରତୀୟ୍ ଯବାନଙ୍କ ବିଜୟ୍‌ର ଗାଥା ବର୍ଣ୍ଣନା କରିଥିଲେ । ଭାରତୀୟ୍ ସେନାଙ୍କ ଅଦମ୍ୟ ସାହସ ଓ ପରାକ୍ରମ ବଳରେ ଭାରତ କାର୍‌ଗିଲ୍ ଯୁଦ୍ଧରେ ପାକିସ୍ଥାନକୁ ପରାସ୍ତ କରି ବିଜୟ୍ ଲାଭ କରିଥିଲା ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏନ୍‌ସିସି କ୍ୟାଡେଟ୍ ଭକ୍ତି ଦୀପକ ସ୍ୱାଇଁ, ଟିଙ୍କିନା ମଲ୍ଲିକ, ଭାଗ୍ୟଶ୍ରୀ ଦାସ, ବନଲତା ରାଉତ ଓ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ ଯୁବପିଢ଼ି ଭାରତୀୟ୍ ସେନାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଅଭିନଭ ସୁନ୍ଦର ପାଢ଼ୀ, ନିବେଦିତା ପାତ୍ର, ଶେଖର କୁଣ୍ଡ, ସୋନି ନାୟକ, ମିତାଲି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ମନୋଜ ପରିଡା ଅତିଥି ପରିଚୟ୍ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପକ ଡ. ନୀଳମଣି ଲେଙ୍କା, ଅଧାପକ ପ୍ରମୋଦ କୁମାର ସ୍ୱାଇଁ ଓ ଅରବିନ୍ଦ ପାଣ୍ଡବ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଅଧକ୍ଷ ଅଧିକାରୀ ଦାଶ ଓ ଅନ୍ୟମାନେ କାରଗିଲ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଧାପକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

### ଏମ୍ଏନ୍ ହାଇସ୍କୁଲରେ କାରଗିଲ୍ ବିଜୟ୍ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୧।୮ (ସ୍ୱ.ପ୍ର): ** ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏମ୍ଏନ୍ ହାଇସ୍କୁଲ ଠାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ କାରଗିଲ୍ ବିଜୟ୍ ଦିବସ ସୋମବାର ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର କାରଗିଲ୍ ଶହୀଦ୍ ପ୍ରକାଶ ପରିଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ପ୍ରଧାନଶିକ୍ଷକ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ବିଏସ୍ଏଫ୍ ଯବାନ୍ ମାନଗୋବିନ୍ଦ ସ୍ୱାଇଁ, ଶହୀଦଙ୍କ ବଡ ଭାଇ ଅବସରପ୍ରାପ୍ତ ସୈନିକ ପ୍ରସନ୍ନ କୁମାର ପରିଡା, ସଚ୍ଚିକାନ୍ତ ନାଥ, ଆକାଶବାହିନୀର ପ୍ରଦୀପ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଭାରତୀୟ୍ ସେନାମାନଙ୍କର ଅଦମ୍ୟ ସାହସ ଓ ବୀରତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସେମାନେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଏନ୍‌ସିସି ଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଅତିଥି ପରିଚୟ୍ ଓ ଶିକ୍ଷୟିତ୍ରୀ ଆରାଧନା ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

# ଖୋଲିଲା ଭିତରକନିକା, ପ୍ରଥମ ଦିନରେ ୭୧ ପର୍ଯ୍ୟଟକ

**ରାଜନଗର,୧।୮ (ଡି.ଏନ.ଏ.)**


ଭିତରକନିକାକୁ ପର୍ଯ୍ୟଟକମାନେ ବୋଟ୍ ଯୋଗେ ଯାଉଛନ୍ତି ।



ଯିବା ପୂର୍ବରୁ ପର୍ଯ୍ୟଟକଙ୍କ ଆଧାର କାର୍ଡ ଯାଞ୍ଚ କରାଯାଉଛି ।

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟଉଦ୍ୟାନ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ପ୍ରଥମ ଦିନରେ ୭୧ ପର୍ଯ୍ୟଟକ ଏଠାକୁ ବୁଲି ଆସିଛନ୍ତି ।

କୁମ୍ଭୀର ପ୍ରଜନନ ଋତୁ ପାଇଁ ମେ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥିଲା । ଏହି ସମୟରେ କୁମ୍ଭୀର ଅଧିକ ହିଂସ୍ର ହୋଇ ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଏହା ବନ୍ଦ ରଖାଯାଇଥାଏ । ଆଜି ଖୋଲିବାର ପ୍ରଥମ ଦିନରେ ଜଳପଥରେ ୩୫ ଜଣ ପର୍ଯ୍ୟଟକ ଆସିଥିବା ବେଳେ ସ୍ଥଳପଥରେ ୩୬ ଜଣ ଆସିଛନ୍ତି । ଗୁପ୍ତି ଘାଟ ଦେଇ ୨ଟି ବୋଟରେ ୧୯ ଜଣ, ଚାନ୍ଦବାଲି ବାଟ ଦେଇ ଗୋଟିଏ ବୋଟରେ ୧୦ଜଣ ଓ ଖୋଳା ବାଟ ଦେଇ ଗୋଟିଏ ବୋଟରେ ୬ଜଣ ଭିତରକନିକାକୁ ଆସିଛନ୍ତି । ସବୁ ଘାଟରେ ପର୍ଯ୍ୟଟକମାନଙ୍କୁ ବନବିଭାଗର ଅଧିକାରୀମାନେ ଫୁଲତୋଡା ଦେଇ ସ୍ୱାଗତ କରିଛନ୍ତି । ଗୁପ୍ତି ଘାଟ ନିକଟରେ ଏସିଏଫ ଅମରେଶ ନାଥ ପ୍ରଧାନ, ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁ, ମହନ୍ତ କୁମାର ମଲ୍ଲିକ ପର୍ଯ୍ୟଟକମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ତ୍ରିକୋଣଭୂମିରେ ଗଢି ଉଠିଥିବା ଭିତରକନିକା ପ୍ରକୃତିର ଗନ୍ତାଘର । ଏହାର ଅପରୂପ ସୌନ୍ଦର୍ଯ୍ୟ ସବୁବେଳେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି । ଜାତୀୟ ଉଦ୍ୟାନରେ ଭିଡ ଜମାଉଥିବା ଦେଶୀୟ ପକ୍ଷୀଙ୍କ ସହିତ ବଉଳାକୁମ୍ଭୀର, ହରିଣ, ବାରହା, ସମ୍ବର, ଝିଙ୍କ , ପାଣିଗୋଧି, ଅଜଗର, ଅହିରାଜ ପ୍ରଭୃତି ସରୀସୃପ ଦେଖିବା ଆଶାରେ ପର୍ଯ୍ୟଟକମାନେ ପ୍ରତିବର୍ଷ ଏଠାକୁ ବୁଲି ଆସିଥାନ୍ତି । ଜଳପଥରେ ଭିତରକନିକା ଯିବା ବେଳେ ପ୍ରକୃତିକୁ ନିକଟରୁ ଦେଖିବାର ସୁଯୋଗ ଓ ନଈପଠାରେ ବିରଳ ବଉଳାକୁମ୍ଭୀର ଖରା ପୁଇଁବା ଦୃଶ୍ୟ ବେଶ ମନମୁଗ୍ଧକର । ଏଥିସହ ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଆବଦ୍ଧ ପୋଖରୀ ମଧ୍ୟରେ ଥିବା ଗୋରୀ ଭଳି ବିରଳ ଧଳା କୁମ୍ଭୀରକୁ ପର୍ଯ୍ୟଟକମାନେ ଦେଖି ବିମୋହିତ ହୋଇ ପଡନ୍ତି । ଏହାଛଡା ଜାତୀୟ ଉଦ୍ୟାନ ଭିତରେ ଥିବା ମ୍ୟୁଜିୟମରେ ୧୯ଫୁଟ ଓ ୧୭ଫୁଟ ଲମ୍ବର ଦୁଇଟି ବିରାଟକାୟ ବଉଳା କୁମ୍ଭୀରଙ୍କ କଙ୍କାଳ ରହିଛି । ଏଥିସହ ସେଠାରେ ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ ଥିବାରୁ ଏହାକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥାନ୍ତି ।

## କୋର୍ଟରେ ହାଜର ହେଲେନି ସାରଥି

**କେନ୍ଦ୍ରାପଡ଼ା ଅଫିସ୍, ୧।୮**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକସ୍ଥିତ ବାରିମୂଳ ଆଶ୍ରମ ମୁଖ୍ୟ ସାରଥି ଓରଫ୍ ସନ୍ତୋଷ ରାଉଳଙ୍କ ନାମରେ ଆଶ୍ରମ ଅନ୍ତେବାସିନୀ ମା' ଓ ଝିଅ କରିଥିବା ମାମଲା(୧୦୬୨/୧୫)ର ଶୁଣାଣି ତାରିଖ ଗୁରୁବାର ଥିଲା । ତେବେ ସାରଥି କୋର୍ଟରେ ଉପସ୍ଥିତ ହୋଇ ନ ଥିଲେ । ତେଣୁ ତାଙ୍କ ଓକିଲ କୋର୍ଟରେ ହାଜର ହୋଇଥିବା ଜଣାପଡ଼ିଛି । ଏହି ମାମଲା ଏବେ କେନ୍ଦ୍ରାପଡ଼ା ସବ୍‌ଡିଭିଜନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସ୍‌ଡିଜେଏମ୍)ଙ୍କ ଅଦାଲତରେ ବିଚାରାଧୀନ ରହିଛି । ତେବେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଶରତ ପାତ୍ର ହାଇକୋର୍ଟରୁ ମାମଲାର ଶୁଣାଣି ଉପରେ ସ୍ଥଗିତାଦେଶ ଆଣିଥିବାରୁ ଗୁରୁବାର ଅଦାଲତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ଏହି ମାମଲାର ଶୁଣାଣି ଆରମ୍ଭ ହେଲେ ସାରଥୀ ଏସଡିଜେଏମ୍ କୋର୍ଟରେ ହାଜର ହେବେ ବୋଲି ଆଇନଜୀବୀ ରବିନାରାୟଣ ମହାନ୍ତି ସୂଚନା ଦେଇଛନ୍ତି ।

## ଲୁଣାନଦୀରୁ ୧୪ ମାସର ଝିଅ ସହ ମା'ର ମୃତଦେହ ଉଦ୍ଧାର

### ଯୌତୁକ ପାଇଁ ହତ୍ୟା ଅଭିଯୋଗ ଆଣିଲେ ଦାଦା

**ମାର୍ଶାଘାଇ ,୧।୮ (ଡିଏନଏ)**

ମାର୍ଶାଘାଇ ଥାନା ଅଧୀନ କରଞ୍ଜି ଗ୍ରାମ ନିକଟ ଦେଇ ପ୍ରବାହିତ ଲୁଣା ନଦୀରୁ ଗୋଟିଏ ଦିନରେ ମା' ଝିଅଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି । ମୃତା ମହିଳା ହେଲେ ସସ୍ମିତା ସେଠୀ ଓ ତାଙ୍କ ୧୪ ମାସର ଝିଅ ସୁନି । ଯୌତୁକ ପାଇଁ ଶାଶୁଘର ଲୋକେ ମା' ଝିଅଙ୍କୁ ମାରି ନଦୀକୁ ଫିଙ୍ଗି ଦେଇଥିବା ସଂପୃକ୍ତ ମହିଳାଙ୍କ ଦାଦା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ଗତ ୩ ବର୍ଷ ତଳେ କରଞ୍ଜି ଗ୍ରାମର ଅବନ୍ତୀ ସେଠୀଙ୍କ ସାନ ପୁଅକୁ କେନ୍ଦ୍ରାପଡା ଅଯୋଧ୍ୟାନଗର ଗ୍ରାମର ରମେଶ ସେଠୀଙ୍କ ଝିଆରୀ ସସ୍ମିତା (୨୫) ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କୁ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ । ବୁଧବାର ରାତିରୁ ସସ୍ମିତା ଓ ତାଙ୍କ କୁନି ଝିଅ ସୁନି ନିଖୋଜ ଥିଲେ । ଗୁରୁବାର ସକାଳେ ଲୁଣା ନଦୀରେ ଏକ ଛୋଟ ଝିଅର ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝିଅର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ତେବେ ଝିଅର ମା' ଆତ୍ମହତ୍ୟା କରିଥିବା ସନ୍ଦେହ କରି ପରବର୍ତ୍ତୀ ସମୟରେ ମାର୍ଶାଘାଇ ଓ ମହାକାଳପଡା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ବୋଟ୍ ସାହାଯ୍ୟରେ ବହୁ ଖୋଜାଖୋଜି କରିବା ପରେ ଅପରାହ୍ନରେ ମାଆର ମୃତଦେହ ଉଦ୍ଧାର କରିଥିଲେ । ଖବରପାଇ ମହାକାଳପଡା ଅତିରିକ୍ତ ତହସିଲଦାର ଅଜିତ ପ୍ରସାଦ ସାହୁ ଏବଂ କେନ୍ଦ୍ରାପଡା ସାଇଣ୍ଟିଫିକ ଟିମ୍‌ର ସଦସ୍ୟ ଘଟଣାସ୍ଥଳକୁ ଯାଇଥିଲେ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସସ୍ମିତାଙ୍କ ଦାଦା ରମେଶଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ୧୮୪/୧୯ ନଂରେ ମାମଲା ରୁଜୁ କରି ଶ୍ୱଶୁର ଅବନ୍ତୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ମାର୍ଶାଘାଇ ଥାନାଧିକାରୀ କାଳନ୍ଦି ବେହେରା ସୂଚନା ଦେଇଛନ୍ତି ।

## ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧।୮**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ଜିଲାପାଳଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି । ମହାବିଦ୍ୟାଳୟର ମରାମତି, ବୃକ୍ଷରୋପଣ, ଫର୍ମ ଫିଲଅପ୍‌ରେ ଏହି ଅନିୟମିତତା କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଏହି ଅନିୟମିତତାର ତଦନ୍ତ ପାଇଁ ସ୍ଥାନୀୟ ଅଞ୍ଚଳର ବାସୁଦେବ ପାତ୍ର, ବିଜୟ ମହାନ୍ତି, ସନ୍ତୋଷ ପଣ୍ଡା, ମନୋଜ ନାୟକ, ପ୍ରକାଶ ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଶ୍ରୀ ବଳଦେବଜୀଉଙ୍କ ଚିତା ଲାଗି


ଶ୍ରୀ ବଳଦେବଜୀଉଙ୍କ ସ୍ୱତନ୍ତ୍ର ବେଶ ।

**କେନ୍ଦ୍ରାପଡା ଅଫିସ, ୧।୮**

ଚିତାଲାଗି ଅମାବାସ୍ୟା ଅବସରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ଚିତାଲାଗି ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ରୀତିନୀତି ଅନୁଯାୟୀ ଦ୍ୱିପ୍ରହର ଧୂପ ପୂର୍ବରୁ ପୁରୋହିତଙ୍କ ଦ୍ୱାରା ମଝି ଦେଉଳରେ ଜଳସିଞ୍ଚନ ସହ କଳସ ସ୍ଥାପନ ହୋଇଥିଲା । ପରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ କରାଯାଇଥିଲା । ଏହି ଅବସରରେ ତିନି ଠାକୁରଙ୍କୁ ଚିତାଲାଗି କରାଯାଇଥିଲା । ବଡ଼ଭାଇ ବଳଭଦ୍ରଙ୍କୁ ୧୪ଟି ଝରାର ଚିତା, ସାନଭାଇ ଜଗନ୍ନାଥଙ୍କୁ ୧୧ଟି ଝରାର ଚିତା ଏବଂ ଭଉଣୀ ସୁଭଦ୍ରାଙ୍କୁ ୭ଟି ଝରାର ଚିତା ଲାଗି ହୋଇଥିଲା । ଏଥିସହିତ ଚିତାଲାଗି ଅମାବାସ୍ୟା ଉପଲକ୍ଷେ ଶ୍ରୀବଳଦେବ ଜୀଉଙ୍କୁ ସ୍ୱତନ୍ତ୍ରଭାବେ ବଡ଼ ଚିତା ଅର୍ପଣ କରାଯାଇଥିଲା । ଠାକୁରଙ୍କୁ ଚିତାଲାଗି ହେବାପରେ ଖିରି, ପିଠା ମଣୋହୀ ହୋଇଥିଲା । ପରେ ଠାକୁରଙ୍କର ଦ୍ୱିପହର ଧୂପ କରାଯାଇ ପହୁଡ଼ ପଡ଼ିଥିଲା ।

ଏହା ପୂର୍ବରୁ ପୂର୍ବାହ୍ନରେ ମନ୍ଦିର ନିକଟସ୍ଥ ଦେବୋତ୍ତର କାର୍ଯ୍ୟାଳୟଠାରେ ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀଙ୍କ ଉପସ୍ଥିତିରେ ଶ୍ରୀଜୀଉଙ୍କ ଚିତା ସଫା ଓ ମରାମତି କାର୍ଯ୍ୟ କରାଯାଇଥିଲା । ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚିତାଗୁଡିକ ତିନୋଟି ରୂପା ଥାଳିରେ ମନ୍ଦିର ବେଢ଼ାକୁ ଆଣି ଭଣ୍ଡାର ରକ୍ଷକ ଭଗବାନ ସୁଆରଙ୍କୁ ଅର୍ପଣ କରାଯାଇଥିଲା ।

ପରମ୍ପରା ଅନୁଯାୟୀ, ଚିତା ଗୁଡିକରେ ନୂତନ ପାଟ ଡୋରି ବନ୍ଧା ଯାଇ ଶ୍ରୀଜୀଉଙ୍କୁ ଅର୍ପଣ କରାଯାଇଥିଲା । ପ୍ରକାଶଥାଉ କି, ପୂର୍ବାହ୍ନରେ ସୁନା ଚିତା ୩ଟି, ରାମାନନ୍ଦୀ ଚିତା ୨ଟି ଓ ଚାନ୍ଦି ଥାଳି ୩ଟିକୁ ସ୍ୱର୍ଣ୍ଣକାର ସେବାୟତ ହଳଧର ସାହୁ, ପ୍ରହ୍ଲାଦ ସାହୁ, ମାଗୁଣୀ ସାହୁ, ଚକ୍ରଧାରୀ ସାହୁ, ଶ୍ରୀଧର ସାହୁ, ଯୁଧିଷ୍ଠିର ସାହୁ ପ୍ରମୁଖ ୩୦ ସେବାୟତ ଚିତା ସଫା କାର୍ଯ୍ୟରେ ନିୟୋଜିତ ହୋଇଥିଲେ ବୋଲି ବରିଷ୍ଠ ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି । ଶ୍ରୀଜୀଉଙ୍କ ଏହି ପାରମ୍ପରିକ ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦିନ ସାରାଲାଗି ରହିଥିଲା ।

## ଡେଙ୍ଗୁ ପାଇଁ ସଚେତନତା ରାଲି

**ରାଜନଗର, ୧।୮ (ଡି.ଏନ.ଏ.)**



ଡେଙ୍ଗୁ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବାହାରିଥିବା ରାଲି ।

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ରାଜନଗର ପଞ୍ଚାୟତରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡେଙ୍ଗୁ ରୋଗରେ ରାଜନଗର ଗ୍ରାମରେ ଗତବର୍ଷ ୨୩ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିଲେ । ଏହି ରୋଗର ନିରାକରଣ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା । ରାଜନଗର ବ୍ଲକରୁ ଏହି ରାଲି ବାହାରି ରାଜନଗର ବଜାର, ରାଜନଗର ଗ୍ରାମର ବିଭିନ୍ନ ୱାର୍ଡପରିକ୍ରମା କରିଥିଲା । କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ପରେ ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି , ବିଡିଓ ମନ୍ଦରଧର ମହାଳିକ, ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ ସତ୍ୟବାନ ସେଠୀ, ଶ୍ରୀକାନ୍ତ କୁମାର ଦାସ, ରବିନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ରଜନୀବାଳା ମାଝି, ଅଦ୍ୱୈତ ନାୟକ, ସୁପରଭାଇଜର ମିନତୀ ମିଶ୍ର, ସନ୍ଧ୍ୟାରାଣୀ ବେହେରା ଓ ରାଜନଗର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

### ଚିତାଲାଗି ଅମାବାସ୍ୟା ଗଲା

# ବିଲ ଫାଟି ଆଁ:ଚାଷୀ ମହଲରେ ଭାଳେଣି

**ରାଜନଗର, ୧।୮ (ଡି.ଏନ.ଏ.)**


ବର୍ଷା ଅଭାବରୁ ଜମି ଫାଟିଯାଇଛି ।

ଚଳିତବର୍ଷ ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟାକୁ ଉପକୂଳ ଅଞ୍ଚଳର ଚାଷୀଭାଇମାନେ ନିରାଶରେ ପାଳନ କରିଛନ୍ତି । ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏହି ଦିନ ସ୍ୱତନ୍ତ୍ର ଚିତାଲାଗି କରାଯାଏ । ଏହି ଦିନ ଚାଷୀମାନେ ପରମ୍ପରା ଅନୁଯାୟୀ ଗେଣ୍ଡାପୂଜା କରିଥାନ୍ତି । କାରଣ ଏହି ସମୟରେ ବିଲରେ ଚାଷୀ ରୁଆ ବେଉଷଣ କରିବା ବେଳେ ଅସାବଧାନତା ହେତୁ ଗେଣ୍ଡା ଗୋଡ କାଟି ଦେବାର ଭୟ ଥାଏ । ସେଥିପାଇଁ ଚାଷୀ ପରିବାରର ଗୃହିଣୀମାନେ ଏହି ଦିନରେ ସ୍ୱତନ୍ତ୍ର ଭାବେ ଗେଣ୍ଡାପୂଜା କରିବା ଦେଖାଯାଏ । କିନ୍ତୁ ଏଥର ଶ୍ରାବଣ ମାସରେ ବର୍ଷାରେ ଅନିୟମିତତା ସାଙ୍ଗକୁ ଟାଣ ଖରା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି । ଚାଷୀମାନେ ବିଲରେ ପକାଇଥିବା ତଳିଗୁଡିକ ପ୍ରଚଣ୍ଡ ଖରାରେ ନଷ୍ଟ ହେବାରେ ଲାଗିଛି । ଚଳିତବର୍ଷ ରାଜନଗର ବ୍ଲକରେ ୨୩ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିରେ ଖରିଫ ଧାନଚାଷ କରାଯିବାର ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ଚାଷପୋଯୋଗୀ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଆଉ ଏକ ସପ୍ତାହ ମଧ୍ୟରେ ଯଦି ବର୍ଷା ନ ହୁଏ , ତେବେ ଏହି ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହେବ । ରାଜନଗର ଏକ ଅଣଜଳସେଚିତ ଅଞ୍ଚଳ । ଚାରିପାଖ ନଦୀନାଳରେ ପରିପୂର୍ଣ୍ଣ । ମାତ୍ର ନଦୀନାଳର ପାଣି ଲବଣାକ୍ତ ରହୁଥିବାରୁ ତାହା ଚାଷ ଉପଯୋଗୀ ହୋଇପାରୁନାହିଁ । ତୁରନ୍ତ ଏହି ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା କରାଯିବାକୁ ରାଜନଗର ସେବାସମବାୟ ସମିତିର ନିର୍ଦ୍ଦେଶକ ରବିନାରାୟଣ ଲେଙ୍କା, ଅକ୍ଷୟ କୁମାର ନାୟକ, ଚାଷୀ ପର୍ଶୁରାମ ଦାସ, ରଞ୍ଜନ କୁମାର ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ହୃଷିକେଶ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି ।

## ସବୁଜ ଗୋଖାଦ୍ୟ, ଫସଲ ଉତ୍ପାଦନ ପାଇଁ ପ୍ରଶିକ୍ଷଣ ଶିବିର

**ପଟ୍ଟାମୁଣ୍ଡାଇ,୧।୮ (ସ୍ୱ.ପ୍ର.)**


ଶିବିରରେ ଉପସ୍ଥିତ ଜିଲା ପ୍ରାଣୀ ଚିକିତ୍ସକ ଓ ଅନ୍ୟମାନେ ।

ଗୋପାଳନ ନିମନ୍ତେ ସବୁଜ ଘାସ ଏକାନ୍ତ ଆବଶ୍ୟକ । ଏବେ ଗୋ-ସମ୍ପଦ କମି କମି ଯାଉଥିବା ବେଳେ ଏଥିଲାଗି ଜନ ସଚେତନତା ସୃଷ୍ଟି କରିବା ଓ ଗୋ-ପାଳନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ଜରୁରୀ ହୋଇପଡିଛି । ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ ଓ ଖାଦ୍ୟ ପରିଚାଳନା ପରିପ୍ରେକ୍ଷୀରେ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀ ଠାରେ ଗୁରୁବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଶିଷ କୁମାର ଶତପଥୀ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜଳଧର ପ୍ରଧାନ ଓ ବ୍ଲକ ତୃଣ ଉନ୍ନୟନ ଅଧିକାରୀ କିଶୋର କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଉନ୍ନତ ପ୍ରଣାଳୀରେ ଘାସ ଚାଷ କରିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ । ବିଶେଷ କରି ସିଓଏଫ୍ଏସ୍-୨୯, ଶଙ୍କର ହାତିଆଘାସ, ପାରା ଘାସ, ପଶିମି ଘାସ ଆଦି ସବୁ ଦିନିଆ ଘାସ ଉତ୍ପାଦନ ପାଇଁ ପ୍ରଶିକ୍ଷଣ ଦିଆ ଯାଇଥିଲା । ଏଥିସହିତ ଋତୁକାଳୀନ ବାଜରା ଘାସ, ମେଜ ଘାସ ଉତ୍ପାଦନ ସହଜରେ ହୋଇପାରିବ ବୋଲି ପ୍ରଶିକ୍ଷକ ମାନେ କହିଥିଲେ । ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶତପଥୀ ଓ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଧାନ ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏଥିସହିତ କୃଷି କ୍ଷେତ୍ରରୁ ମିଳୁଥିବା ଘାସ ଓ ବିଭିନ୍ନ କୃଷିଜାତ ଦ୍ରବ୍ୟ ଗୋଖାଦ୍ୟ ଉପଯୋଗୀ ହୋଇପାରିବ । ଏଥିପ୍ରତି ଗୋ-ପାଳକମାନେ ସଚେତନ ହେଲେ ଗୋ-ସମ୍ପଦ ବୃଦ୍ଧି ପାଇବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ପେଣ୍ଠପାଳ, ତରଡିପାଳ, ନରସିଂହପୁର, ଶ୍ରୀରାମପୁର ଓ ଡାମରପୁର ପଞ୍ଚାୟତର ଗୋ-ଚାଷୀ ଓ ପ୍ରାଣୀମିତ୍ର ମହିଳା ପୁରୁଷ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ



ଆଳି, ୧୮ (ଡି.ଏନ୍.ଏ.): ଆଳି ଧୋୟାଞ୍ଚଳର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ଭାବେ ପରିଚିତ ଗୋବିନ୍ଦପୁର ବଜାରରେ ଆଲୋକୀକରଣ ପାଇଁ ଗତବର୍ଷ ଅକ୍ଟୋବରରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଆଳି ବିଧାୟକ ତଥା ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବଙ୍କ ସାଂସଦ ପାଣ୍ଠିରୁ ଅନୁଦାନ ଖର୍ଚ୍ଚ ହୋଇ ଜୁଆଣିଆ ଛକ, କଚେରି ଛକ, ଗୋବିନ୍ଦପୁର ବଜାର, ମେଡିକାଲ ଛକ ଆଦି ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ହେଲେ ଏବେ ଏହି ଷ୍ଟ୍ରିଟ୍ ଲାଇଟ୍ ଦିନରେ ଜଳି ରହୁଥିବା ଦେଖାଯାଉଥିବା ବେଳେ ବିଭିନ୍ନ ସମୟରେ ବିଳମ୍ବିତ ରାତିରେ ଲିଭି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଧିକାଂଶ ସମୟରେ ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟଠାରୁ କଚେରି ଛକ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଦିନବେଳେ ଜଳୁଥିବା ଦେଖିବାକୁ ମିଳୁଛି। ତେବେ ଏ ଦିଗରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ସହ ଦିନ ସମୟରେ ଲାଇଟ୍ ବନ୍ଦ କରିବା ଲାଗି ବ୍ୟବସ୍ଥା କରିବାକୁ ଲୋକମାନେ ଦାବି କରିଛନ୍ତି।

### ମାନପୁର ଗ୍ରାମରେ ବଧୂ ହତ୍ୟା ଅଭିଯୋଗ

ଆଳି, ୧୮ (ଡି.ଏନ୍.ଏ.)- ଆଳି ଥାନା ଅଧୀନ ମାନପୁର ଗ୍ରାମ ଦୀପକ ସାମଲଙ୍କ ସ୍ତ୍ରୀ ରୁବିଲତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ରୁବିଲତାଙ୍କ ବାପା ବିଳିକଣା ଗ୍ରାମର ପ୍ରଶାନ୍ତ ପରିଡ଼ା ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୮:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅନୁଶାସନ ଓ ଶୈକ୍ଷିକ ପରିବେଶ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରାଧାପକ ସାହାବୁଦ୍ଦିନ ଅଲ୍ଲୀ, ପ୍ରାଧ୍ୟାପକ ତପନ କୁମାର ପତି, ଡ. ଜ୍ଞାନୀନ୍ଦ୍ର ଦାଶ, ରାମଚନ୍ଦ୍ର ପାତ୍ର ଓ ରଞ୍ଜିତ କୁମାର ଦାସ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳାର ସହ ପାଠ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ନମିତା ମିଶ୍ର, ଅନୁରାଧା ଦାସ, ହେଲେନ ପ୍ରିୟା ସୁତାର, ରାଜେନ୍ଦ୍ର ପାତ୍ର ଓ ଲୋକନାଥ ଦାସ ପ୍ରମୁଖ ଛାତ୍ରଛାତ୍ର ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହାକୁ ଅଧାପକ ମନୋଜ ମିଶ୍ର ଓ ତୁଷାରକାନ୍ତି ଭୂୟାଁ ପରିଚାଳନା କରିଥିଲେ।

## ■ ତିନି ତଲାକ୍ ବିଲ୍‌ରେ ରାଷ୍ଟ୍ରପତିଙ୍କ ମୋହର

# ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡା ଅଫିସ, ୧୮**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ତିନି ତଲାକ୍ ବିଲ୍‌କୁ ଗୁରୁବାର ମୋହର ଲଗାଇଛନ୍ତି। ଗତ ୩୦ ତାରିଖରେ ରାଜ୍ୟ ସଭାରେ ତିନି ତଲାକ୍ ବିଲ୍ ପାସ୍ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ମୋହର ପରେ ୨୦୧୮ ସେପ୍ଟେମ୍ବର ୧୯ ତାରିଖରେ ଜାରି ହୋଇଥିବା ଅଧ୍ୟାଦେଶଠାରୁ ଏହି ଆଇନ ପିଛିଲା ଭାବେ ଲାଗୁ ହେବ। କେନ୍ଦ୍ର ସରକାର ଏହାକୁ ମୁସ୍‌ଲିମ ମହିଳାଙ୍କ ପାଇଁ ବଡ ବିଜୟ କହୁଥିବା ବେଳେ ମହିଳାଙ୍କ ସୁରକ୍ଷା ନେଇ ଏହି ଆଇନରେ ବ୍ୟବସ୍ଥା ନ ଥିବା କୁହାଯାଉଛି । ଦେଶରେ ତିନି ତଲାକ୍ ନେଇ ଆଇନ ଲାଗୁ ହୋଇଥିଲେ ମଧ୍ୟ ମୁସଲମାନ ସମାଜରେ ଏହା ପରମ୍ପରା ଭାବେ ଚଳି ଆସିଥିବାରୁ ଏହାର କାର୍ଯ୍ୟକାରିତା ନେଇ ସନ୍ଦେହ ରହିଛି ବୋଲି କେନ୍ଦ୍ରାପଡ଼ା ଜିଲାର ମୁଫତି ଓ ମୌଲବୀମାନେ ପ୍ରକାଶ କରିଛନ୍ତି।

ସୁନ୍ନି ତନଜିମୁଲ ଉଲମାର ସଦସ୍ୟ ମୁଫତି ମୁଶାରଫ ରଜା ମିସବାହୀ କୁହନ୍ତି ଯେ, ବିବାହ ଏକ ସୁନ୍ଦର ପରମ୍ପରା। ସଂସାର ସହଜ ସରଳ ଭାବେ ଚାଲିବା ଲାଗି ଉଭୟେ ସ୍ୱାମୀସ୍ତ୍ରୀଙ୍କ ପାଇଁ ଏଥିରେ କେତେକ ନିୟମ ରହିଛି। ଏହି ନିୟମକୁ ଉଭୟ ପାଳନ କରୁଥିବାରୁ କେନ୍ଦ୍ରାପଡା ଜିଲାରେ ଗତ ୩ ବର୍ଷରେ ମାତ୍ର ୫ଟି ତଲାକ୍ ହୋଇଛି। ତଲାକ୍ ୩ ପ୍ରକାରର। ତଲାକ୍ ଏ ଏହସାନ, ତଲାକ୍ ଏ ହସନ ଓ ତଲାକ୍ ଏ ବିଦ୍‌ଇ। ଦୁଇଟି ତଲାକ୍ ପ୍ରକ୍ରିୟା ସମ୍ପର୍କରେ କୌଣସି ବିଶେଷ ସମସ୍ୟା ନ ଥିବା ବେଳେ ତଲାକ ଏ ବିଦ୍‌ଇ ତତ୍‌କ୍ଷଣାତ୍ (୩ ଥର ତଲାକ୍) ଦିଆଯାଉଥିବାରୁ ଏ ନେଇ ହୋ ହଲ୍ଲା ଚାଲିଛି। ଏହା ପରମ୍ପରା ଭାବେ ଚାଲି ଆସିଥିବାରୁ ଏ ନେଇ ଲାଗୁ ହୋଇଥିବା ଆଇନ କାର୍ଯ୍ୟକାରିତା ହେବାରେ ସମୟ ଲାଗିବ। ତେବେ ଏହି ଆଇନ କାର୍ଯ୍ୟକାରୀ ହେଲେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଗରାପୁରର ମହମ୍ମଦ ତବରେଜ ଆଲମ ମିସବାହୀ, ମୌଲାନା ଜାହିଦ ଗୌସି, ଦିଲାବରପୁରର ମୌଲାନା ଖୁର୍ସିଦ ଅନୱର, ମରକଜି ମସଜିଦର ଇମାମ ହାଫିଜ କମାଲୁଦ୍ଦିନ ପ୍ରମୁଖ କହିଛନ୍ତି, ଆଇନରେ ତଲାକ ପାଇଥିବା ମହିଳାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ହୋଇନାହିଁ । ସ୍ୱାମୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଥିବାରୁ ମହିଳାଙ୍କ ରହିବା ଖାଇବା ଓ ସନ୍ତାନ ପାଳନ ପାଇଁ ଅର୍ଥ ଏକ ସମସ୍ୟା ସୃଷ୍ଟି କରିବ। ସାଧାରଣତଃ କୌଣସି ମୁସ୍‌ଲିମ ମହିଳାଙ୍କୁ ତାଙ୍କ ସ୍ୱାମୀ ତଲାକ ଦେବା ସମ୍ପର୍କରେ ସୂଚନା ମିଳିବା ପରେ ଏ ନେଇ ମୁଫତି ଓ ଓଲେମା ତତ୍‌କ୍ଷଣାତ କାର୍ଯ୍ୟଧାରା ଆରମ୍ଭ କରିଥାନ୍ତି। ପ୍ରଥମେ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଡକାଇ ଏ ସମ୍ପର୍କରେ ପଚରାଉଚୁରା କରିଥାନ୍ତି । ପରେ ମହିଳାଙ୍କ ସୁରକ୍ଷା ପାଇଁ ଅର୍ଥ ଓ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଥାଏ। ତିନି ତଲାକ୍ ଆଇନରେ ଅଦ୍ୟାବଧି ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ନ ଥିବାରୁ ଭାରତୀୟ ବିଚାର ପ୍ରକ୍ରିୟା ଅନୁଯାୟୀ ଲମ୍ବା ସମୟ ଧରି ମହିଳାଙ୍କୁ କ୍ଷତିପୂରଣ ପାଇବା ପାଇଁ ଅପେକ୍ଷା କରିବାକୁ ହେବ। ଏଣିକି ମହିଳାମାନେ ଏ ନେଇ ଆଇନର ଆଶ୍ରୟ ନେଇପାରିବେ ସତ, କିନ୍ତୁ ମୁସଲିମ୍ ସମାଜ ତାଙ୍କୁ ଗ୍ରହଣ କରିବା ସମ୍ଭବ ହେବନାହିଁ। ଏହା ଏକ ଗୋଷ୍ଠୀଗତ ନିଷ୍ପତ୍ତି ହୋଇଥିବାରୁ ସମାଜରେ ସେମାନେ ଏକପ୍ରକାର ବାସନ୍ଦ ହୋଇଯିବେ। ତେବେ ଦେଶର ନିୟମକୁ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ସେକ୍ ସାବିର, ସେକ୍ ଅମଜାନ ପ୍ରମୁଖ କହିଛନ୍ତି, ତିନି ତଲାକ ଆଇନ ମୁସଲମାନ ସମ୍ପ୍ରଦାୟରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଆଇନରେ ଆଇନଜୀବୀଙ୍କ ଅର୍ଥ ରୋଜଗାର ପାଇଁ ବାଟ ଖୋଲିବା ବ୍ୟତୀତ ଅନ୍ୟ କିଛି ସୁବିଧା ହେଲା ଭଳି ନାହିଁ।

## ଜୁଆରରେ ଭାସିଗଲା ବାଉଁଶ ଚାର



ବାଉଁଶଚାର ଭାସିଯାଇଛି।

**ମହାକାଳପଡା, ୧୮ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ସୁନୀତି ପଞ୍ଚାୟତ ଓ କଂସାର ବଡଦାଣ୍ଡୁଆ ପଞ୍ଚାୟତ ଦେଇ ପ୍ରବାହିତ ଗୋବରୀ ନଦୀ ଶାଖା ନାଳର ମିଳନ ମୋଡ଼ଠାରେ ଥିବା ଏକ ବାଉଁଶ ଚାର ଗୁରୁବାର ଉଚ୍ଚ ଜୁଆର ଯାଗୁ ଭାସି ଯାଇଛି। ଫଳରେ ଦୁଇଟି ପଞ୍ଚାୟତର ଶତାଧିକ ଲୋକଙ୍କ ଯାତାୟାତ ଠପ୍ ହୋଇଛି। ତେବେ ଯାତାୟାତରେ ସୁବିଧା ପାଇଁ କଂସାର ବଡ଼ ଦାଣ୍ଡୁଆ ପଞ୍ଚାୟତ ପକ୍ଷରୁ ମିଳନ ମୋଡଠାରେ ବାଉଁଶ ଚାର ପକାଯାଯାଇଥିଲା। ମାତ୍ର ଅମାବସ୍ୟା ତିଥି ଯୋଗୁ ଉଚ୍ଚ ଜୁଆର ଆସିବା ଓ ପ୍ରବଳ ଦଳ ଜମିବା ଯୋଗୁ ବାଉଁଶ ଚାରଟି ଅଧାରୁ ଭାଙ୍ଗିଯାଇ ଭାସିଯାଇଛି। ଏହି ଚାର ଦେଇ କଂସାର, ବଡଦାଣ୍ଡୁଆ, ପଙ୍କପାଳ, ବଗଗହଣ, ସିଲୁଆପାରି, ବଡପାଳ, ତରପଦା ଆଦି ଗ୍ରାମବାସୀ ସୁନୀତି ପଞ୍ଚାୟତର ବେଣାକନ୍ଧା, ସୁନୀତି, ଜଗରି ଜୋର ହାଟକୁ ଆଦି ଯା'ଆସ କରିଥାନ୍ତି। ତେବେ ଚାରଟି ଭାସିଯିବା ଫଳରେ ଲୋକମାନେ ଯିବାଆସିବରେ ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ କଂସାର ବଡ଼ ଦାଣ୍ଡୁଆ ସରପଞ୍ଚ ଲୋଭାବତୀ ରାଉତଙ୍କୁ ପଚାରିବାରେ ଖୁବଶୀଘ୍ର ବାଉଁଶ ଚାର ମରାମତି କରାଯିବ ବୋଲି କହିଛନ୍ତି।

## ବିଜୟଙ୍କ ଡେରାବିଶ ଗସ୍ତ



ବରିଷ୍ଠ ନେତା ବିଜୟ ମହାପାତ୍ର ସମର୍ଥକଙ୍କ ସହ ଶ୍ରୀଲଛମନଜୀଉ ମନ୍ଦିରକୁ ଯାଉଛନ୍ତି।

**ଡେରାବିଶ, ୧୮ (ସ୍ୱ.ପ୍ର.)**

ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ପାଟକୁରା ବିଧାନସଭା ଆସନ ନିର୍ବାଚନ ପରେ ପ୍ରଥମ ଥର ଲାଗି ବୁଧବାର ଡେରାବିଶ ବ୍ଲକ ଗସ୍ତ କରିଥିଲେ। ଅପରାହ୍ନରେ ଉଦୟନଗର ଛକଠାରୁ ସେ ଏକ ଶୋଭାଯାତ୍ରାରେ ଆସି ବ୍ଲକସ୍ଥିତ ଶ୍ରୀଲଛମନ ଜୀଉଙ୍କ ଦର୍ଶନ କରିଥିଲେ। ପରେ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଅନୁଷ୍ଠିତ କର୍ମୀ ସମାବେଶରେ ଯୋଗଦେଇଥିଲେ। ଏହି ସମାବେଶରେ ବିଜୟ କହିଥିଲେ, ତାଙ୍କୁ ପରାଜିତ କରିବା ପାଇଁ ବିଜେଡି ବହୁ ଉଦ୍ୟମ କରିଥିଲା। ହେଲେ ବିଜୟଙ୍କର କେବେ ପରାଜୟ ନାହିଁ ବୋଲି ସେ କହିଥିଲେ। ଏଥିସହ ତାଙ୍କୁ ପରାସ୍ତ କରିବା ପାଇଁ ବିଜେଡି ଦୁଇ ଦୁଇ ଥର ନିର୍ବାଚନ ଘୁଞ୍ଚାଇବା ସହିତ ପାଟକୁରାର ଭାଜପା କର୍ମୀଙ୍କ ସହ ଟକ୍କର ଦେବାକୁ ବହୁ ହେଭିୱେଟଙ୍କୁ ଏଠାକୁ ପଠାଇଥିଲା। ତେବେ ଅବହେଳିତ ପାଟକୁରାର ସ୍ୱାଭିମାନ ଓ ମାଟିର ସମ୍ମାନକୁ ରକ୍ଷା କରିବା ପାଇଁ ଆଗାମୀ ଦିନରେ ବି ତାଙ୍କ ସଂଗ୍ରାମ ଅବ୍ୟାହତ ରହିବ ବୋଲି ବିଜୟ କର୍ମୀ ସମାବେଶରେ ବକ୍ତବ୍ୟ ରଖିଥିଲେ। ୨୬ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ବଟକୃଷ୍ଣ ସାମଲ, ପଞ୍ଚାୟତ ସମିତି ଉପାଧକ୍ଷ ରଶ୍ମିତା ନାୟକ, ସରୋଜକାନ୍ତ ନାୟକ, ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବସନ୍ତ ସାହୁ, ଶିଶିର ସାମଲ, ମନୋରଞ୍ଜନ ଉପାଧ୍ୟାୟ, ସୁରେନ୍ଦ୍ର ମଲ୍ଲିକ, ସରୋଜକାନ୍ତ ବିହାରୀ, ଗିରିଜା ଭୂଷଣ ନାୟକ, ଅଶୋକ କୁମାର ସାହୁ, ପ୍ରିୟଦର୍ଶନ ସ୍ୱାଇଁ, ସ୍ମାରକ ମହାନ୍ତି, ଅଜୟ କୁମାର ସାହୁ, ଦିଲ୍ଲୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ଜିଲାପାଳଙ୍କ ଜମ୍ବୁ, ବଟିଘର ପଞ୍ଚାୟତ ଗସ୍ତ

## ■ ବିଡିଓଙ୍କ ସହ ବାଇକ୍‌ରେ ବୁଲିଲେ

**ମହାକାଳପଡା, ୧୮ (ଡି.ଏନ୍.ଏ.)**



ଜମ୍ବୁ ପଞ୍ଚାୟତ ଗସ୍ତ ସମୟରେ ଜିଲାପାଳ ସମର୍ଥ ବର୍ମା ଓ ବିଡିଓ ରମେଶଚନ୍ଦ୍ର ସେଠୀ।

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଗୁରୁବାର ପୂର୍ବାହ୍ନରେ ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ଓ ବଟିଘର ପଞ୍ଚାୟତ ଗସ୍ତ କରିଛନ୍ତି। ତେବେ ଜିଲାପାଳ ବର୍ମା ମହାକାଳପଡ଼ା ବିଡିଓ ରମେଶଚନ୍ଦ୍ର ସେଠୀଙ୍କ ସହ ଏକ ବାଇକରେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଜିଲାପାଳ ଲୋକମାନଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲାପାଳ ବର୍ମା କେତେଜଣ ହିତାଧିକାରୀଙ୍କ ଘରକୁ ଯାଇ ଶୌଚାଳୟ ନିର୍ମାଣ ଅଗ୍ରଗତି, ଆବାସଗୃହ ନିର୍ମାଣ, ଭତ୍ତା, ପାନୀୟଜଳ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କଣ୍ଡରାପାଟିଆ ଗ୍ରାମ ରାସ୍ତା ସମସ୍ୟା ଓ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ଅଭାବ ସମ୍ପର୍କରେ ସ୍ଥାନୀୟ ମହିଳାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ଉତ୍ତର ଜମ୍ବୁ ଗ୍ରାମର ରମଣୀ ମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ସମୟରେ ମଧ୍ୟାହ୍ନ ଭୋଜନ ଓ ଶିକ୍ଷକମାନଙ୍କ ଉପସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସିଡିପିଓ ମନୋରମା ସ୍ୱାଇଁ, ଜମ୍ବୁ ସରପଞ୍ଚ ପଞ୍ଚମୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲାପାଳ ବର୍ମା ନଦୀନାଳ ଘେରା ବଟିଘର ପଞ୍ଚାୟତର ଲାଇଟ ହାଉସ ପରିଦର୍ଶନ କରିବା ସହ ସ୍ଥାନୀୟ ସରପଞ୍ଚ ଦେବବ୍ରତ ମାଇତିଙ୍କୁ ଭେଟି ସେଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

### ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୮**

କେନ୍ଦ୍ରାପଡା ବ୍ଲକର କନ୍ହେଇପୁର ଓ ମାର୍ଶାଘାଇ ବ୍ଲକର ନରେନ୍ଦ୍ରପୁର ସଂଯୋଗୀ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଛି। ଏହାର ତଦନ୍ତ ଦାବି କରି କନ୍ହେଇପୁର ପଞ୍ଚାୟତବାସୀ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତର ନରହରି ଲେଙ୍କା କହିଛନ୍ତି, ଏହି ସଂଯୋଗୀ ରାସ୍ତା ପାଇଁ ବିଧାୟକଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଛି। ମାତ୍ର ସମ୍ପୃକ୍ତ ପ୍ରକଳ୍ପ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ଏହି ରାସ୍ତା କାର୍ଯ୍ୟ ନ କରି ଅନ୍ୟ ସ୍ଥାନରେ ରାସ୍ତା କାର୍ଯ୍ୟ କରୁଛନ୍ତି। ଫଳରେ ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହୋଇ ପାରିନାହିଁ । ଏନେଇ ପ୍ରଶାସନିକ ତଦନ୍ତ ହେଲେ ଏହାର ଗୁମର ଫିଟିବ ବୋଲି ଅଭିଯୋଗକାରୀ ଲେଙ୍କା କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ।

# ଜୁଏଲେରି ମାଲିକଙ୍କଠାରୁ ଲୁଟ୍ ଉଦ୍ୟମ ବିଫଳ

## ■ ଫାଙ୍କା ଗୁଳିଚାଳନା କରି ଦୁର୍ବୃତ୍ତ ଫେରାର

**ରାଜକନିକା, ୧୮ (ଡି.ଏନ୍.ଏ.)**

ରାଜକନିକା ଥାନା ଅଧୀନ ଚନ୍ଦନପୋଖରୀ ଛକ ନିକଟରେ ବୁଧବାର ରାତିରେ ଜନୈକ ଜୁଏଲାରୀ ମାଲିକଙ୍କଠାରୁ ଲୁଟ୍ ଉଦ୍ୟମ କରି ବିଫଳ ହେବା ପରେ ଫାଙ୍କା ଗୁଳିଚାଳନା କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ରାଜକନିକା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଜୁଏଲାରୀ ମାଲିକଙ୍କ ଏତଲା କ୍ରମେ ଲୁଟେରାଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ପୋଲିସ୍। ଏ ନେଇ ୧୮୬/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ବୁଧବାର ରାତିରେ କଣ୍ଟପଡ଼ା ବଜାରରେ ଏକ ସୁନା ଦୋକାନ କରିଥିବା ଚନ୍ଦ୍ରମଣି ସାହୁ ଓ ତାଙ୍କ ପୁଅ ମନୋରଞ୍ଜନ ଏକ ବାଇକ୍‌ରେ ନିଜ ଘର ଅଚ୍ୟୁତପୁର ଯାଉଥିଲେ। ଏହି ସମୟରେ ଚନ୍ଦନପୁର ଛକ ନିକଟରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ବାପପୁଅଙ୍କୁ ଅଟକାଇ ଲଙ୍କାଗୁଣ୍ଡ ଫୋପାଡ଼ି ଥିଲେ। ହେଲେ ଲଙ୍କାଗୁଣ୍ଡ ସେମାନଙ୍କ ଆଖିରେ ନ ପଡ଼ି ସାର୍ଟ ଉପରେ ପଡ଼ିବା ଯୋଗୁ ଲୁଟେରାଙ୍କ ସହିତ ଚନ୍ଦ୍ରମଣି ଓ ମନୋରଞ୍ଜନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିସହ ଚନ୍ଦ୍ରମଣି ଦୁର୍ବୃତ୍ତମାନଙ୍କୁ ହେଲମେଟରେ ପିଟିବା ସହିତ ବଡ଼ ପାଟି କରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଫଳରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରି ଆଳି ଆଡ଼କୁ ଦ୍ରୁତ ଗତିରେ ପଳାଇଥିଲେ। ତେବେ ଦୁର୍ବୃତ୍ତମାନେ ଚନ୍ଦ୍ରମଣିଙ୍କ ଗାଡ଼ି ଚାବି ନେଇଯାଇଥିବା ଜଣାପଡ଼ିଛି। ଖବରପାଇ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

5ଚନ୍ଦନପୋଖରୀ ଛକରେ ଆଲୋକୀକରଣ ବ୍ୟବସ୍ଥା ସହ ପୋଲିସ ପାଟ୍ରୋଲିଂ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଫଳରେ ଲୋକମାନେ ଲୁଟ୍ ଓ ରାହାଜାନି ଆଦିର ଶିକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ଛକରେ ପୋଲିସ ପାଟ୍ରୋଲିଂ ସହ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ■ ମାନପୁର ସେତୁ ଉପରେ ବୁଲା ଗୋରୁଙ୍କ ଗହଳି

# ଯାତାୟାତରେ ବାଧା, ବଢୁଛି ଦୁର୍ଘଟଣା

**ଆଳି, ୧୮ (ଡି.ଏନ୍.ଏ.)**

ଆଳି ମାନପୁର ଦେଇ ପ୍ରବାହିତ କାଣୀ ନଦୀ ଉପରେ ନିର୍ମିତ ସେତୁ ଦେଇ ମାନପୁର–ଗୋବିନ୍ଦପୁର ରାସ୍ତା ଉପରେ ଦୈନିକ ଶହ ଶହ ଯାନବାହନ ଚଳାଚଳ କରୁଛି। ଆଳି ଧୋୟାଞ୍ଚଳ ସହ ଯୋଗାଯୋଗ ପାଇଁ ଏହି ସେତୁ ନିର୍ମାଣ କରାଯାଇଥିବା ବେଳେ ଏହି ସେତୁ ଦେଇ ଯାଜପୁର ଜିଲା ସହ ଆଳି ବ୍ଲକର ପ୍ରତ୍ୟକ୍ଷ ଯୋଗାଯୋଗ ସମ୍ଭବ ହୋଇପାରୁଛି। ପ୍ରତିଦିନ ଏହି ରାସ୍ତା ଉପରେ ବହୁ ଗାଡିମୋଟର ଚଳାଚଳ କରୁଥିବା ବେଳେ ମାନପୁର ସେତୁ ଉପରେ ଅଧିକାଂଶ ସମୟରେ ବୁଲା ଗାଈଗୁଡ଼ିକ ଠିଆ ହୋଇ ରହୁଛନ୍ତି। ଫଳରେ ଦୈନିକ ଏକାଧବକ ଛୋଟବଡ଼ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ଘଟୁଛି। ବେଳେବେଳେ ଗାଈଗୁଡ଼ିକ ରାସ୍ତା ଉପରେ ଧାଡ଼ି କରି ଠିଆ ହୋଇରହିବା ଯୋଗୁ ଗାଡ଼ିମୋଟର ଚଳାଚଳରେ ବାଧା ଉପୁଜୁଛି। ତେବେ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ହୋଇପଡ଼ିଛି। ଯଦ୍ଦ୍ୱାରା ଲୋକମାନେ ସୁରକ୍ଷିତ ଭାବେ ମାନପୁର ରାସ୍ତା ଦେଇ ଯା'ଆସ କରିପାରିବେ।

# ପଟ୍ଟାମୁଣ୍ଡାଇ ମହିଳା କଲେଜରେ ପରିସ୍ରାଗାର ସମସ୍ୟା

ପଟ୍ଟାମୁଣ୍ଡାଇ, ୧୮ (ସ୍ୱ.ପ୍ର)



ପଟ୍ଟାମୁଣ୍ଡାଇ ମହିଳା କଲେଜରେ ପରିସ୍ରାଗାର ଥିଲେ ମଧ୍ୟ ତାହା ଛାତ୍ରୀମାନଙ୍କ ପାଇଁ ଆଦୌ ବ୍ୟବହାର ଉପଯୋଗୀ ନୁହେଁ । ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ପାଇଖାନାଟିଏ ନିର୍ମାଣ ହୋଇନାହିଁ । ଏଥିପାଇଁ ଛାତ୍ରୀମାନେ ଅଧିକାଂଶ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କଲେଜ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜାଣି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଛାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଇଛି । ୧୯୮୮ ମସିହାରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସଚେତନଶୀଳ ନାଗରିକମାନଙ୍କ ସହାୟତାରେ ପଟ୍ଟାମୁଣ୍ଡାଇ ମହିଳା କଲେଜ ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୮୯ ରେ ଏହି କଲେଜ ସରକାରୀ ସ୍ୱୀକୃତି ଲାଭ କରିଥିଲା । ଇତିମଧ୍ୟରେ ଦୀର୍ଘ ୩୧ବର୍ଷ ବିତି ଯାଇଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ପାଇଖାନା ଓ ପରିସ୍ରାଗାର ନିର୍ମାଣ କରିବାକୁ ସକ୍ଷମ ହୋଇନାହାନ୍ତି । ସେହିପରି କଲେଜ ପ୍ରାଚୀର ନିର୍ମାଣ ହୋଇନାହିଁ । କଲେଜ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଖସି ବିପଦ ସୃଷ୍ଟି କରୁଥିବା ବେଳେ ଚଟାଣ ମଧ୍ୟ ଭାଙ୍ଗି ଖାଲ ହୋଇଯାଇଛି । ବିପଦସଙ୍କୁଳ ଶ୍ରେଣୀଗୃହରେ ବସି ଛାତ୍ରୀମାନେ ପାଠ ପଢିବାକୁ ସୁରକ୍ଷିତ ମଣୁ ନାହାନ୍ତି । ଏହି କଲେଜରେ ସୋସିଓଲୋଜି ବିଭାଗ ଅଧ୍ୟାପକ କେହି ନ ଥିବା ବେଳେ ଯୁକ୍ତ–୩ ଶ୍ରେଣୀରେ କିଭଳି ଛାତ୍ରୀମାନଙ୍କ ନାମ ଲେଖା ଯାଉଛି ତାହା ଅଭିଭାବକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ଆଇଏଚ୍ ଆର୍‌ସି କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀ, ସାମାଜିକ କର୍ମୀ ବ୍ରଜବନ୍ଧୁ ଦାଶ ଓ ଶିକ୍ଷାବିତ୍‌ମାନେ ସୋସିଓଲୋଜି ଅଧାପକ ବିନା ପାଠପଢା କିପରି ଚାଲିବ ସେ ନେଇ ପ୍ରଶ୍ନ ଉଠାଇଛନ୍ତି । ପୂର୍ବତନ ଅଧକ୍ଷ ଆବଶ୍ୟକ ଠାରୁ ବହୁ ଅଧିକ ଅଧାପିକା ଅଧାପକ ଓ ଅଣ ଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦେଇ କଲେଜ ପାଣ୍ଠି ବରବାଦ୍ କରିଛନ୍ତି ଶିକ୍ଷାବିତମାନଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଛି । ଏ ସମ୍ପର୍କରେ ଯୁକ୍ତ ୩ ଅଧକ୍ଷା ଡ. ପ୍ରଭାବତୀ ପଢିଆରୀଙ୍କୁ ଯୋଗାଯୋଗ କରିବାରେ କହିଥିଲେ ଯେ, କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତଙ୍କ ନିର୍ଦ୍ଦେଶରେ ପୌର କନିଷ୍ଠ ଯନ୍ତ୍ରୀ ପାଇଖାନା ଓ ପରିସ୍ରାଗାର ନିର୍ମାଣ ପାଇଁ ଅଟ୍ଟକଳ କରିଥିଲେ । ଏହାମଧ୍ୟରେ ଦେଢ ବର୍ଷ ବିତି ଯାଇଥିଲେ ପାଇଖାନା ଓ ପରିସ୍ରାଗାର ନିର୍ମାଣ ହୋଇ ପାରିନାହିଁ । ସେହିପରି ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨ଟି ଶ୍ରେଣୀ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଲେଖାଁଏ ଟଙ୍କା ଯୋଗାଇ ଦିଆଯାଇଥିଲା । ଗୋଟିଏ ଶ୍ରେଣୀଗୃହ ଅଧାପନ୍ତରିଆ ଭାବେ ପଡି ରହିଥିବା ବେଳେ ଅନ୍ୟ ଗୃହଟି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ତେବେ ଜିଲା ପ୍ରଶାସନ ଦୃଷ୍ଟି ପଡିଲେ ପଟ୍ଟାମୁଣ୍ଡାଇ ମହିଳା କଲେଜର ଉନ୍ନତି ହେବ ବୋଲି ଅଧକ୍ଷା କହିଥିଲେ ।

## ■ ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ନେଇ ଏନ୍‌ଜିଟିରେ ମାମଲା ପ୍ରସଙ୍ଗ

# ସେପ୍ଟେମ୍ବର ୩ ରେ ପରବର୍ତ୍ତୀ ଶୁଣାଣି

**କେନ୍ଦ୍ରାପଡା ଅଫିସ, ୧୮**

ମାର୍ଶାଘାଇ ବ୍ଲକଠାରେ ନିର୍ମାଣଧୀନ ମଣିକୁଣ୍ଡା ଜଳ ପ୍ରକଳ୍ପ ଏବେ ଜିଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧା ପାଲଟିଛି। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏ ନେଇ ରୁଜୁ ହୋଇଥିବା ମାମଲା ଏବେ ପ୍ରକଳ୍ପ ପାଇଁ ସମସ୍ୟା ସୃଷ୍ଟି କରିଛି। ଏନ୍‌ଜିଟି ନିର୍ଦ୍ଦେଶରେ ୨ ଥର ପ୍ରଶାସନିକ ତଦନ୍ତ ପରେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ଦିଆଯାଇନାହିଁ। ତେବେ ଆସନ୍ତା ସେପ୍ଟେମ୍ବର ୩ ତାରିଖ ଶୁଣାଣିରେ ଗ୍ରାମ୍ୟ ଜଙ୍ଗଲ ଜମିରେ ହେଉଥିବା ପ୍ରକଳ୍ପ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ରିପୋର୍ଟ ଦାଖଲ ପାଇଁ ଏନ୍‌ଜିଟିର ୩ ଜଣିଆ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ରେ ରାଜ୍ୟ ପଞ୍ଚାୟତରାଜ ପକ୍ଷରୁ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାଇପ ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି। ପ୍ରକଳ୍ପରେ ଦୁଇଟି ସ୍ଥାନରୁ ଜଳ ଉତ୍ତୋଳନ କରିବା ପାଇଁ ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ଥିର କରାଯାଇଛି। ତେବେ ମଣିକୁଣ୍ଡାଠାରେ ନିର୍ମିତ ପ୍ରକଳ୍ପ ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ହେଉଥିବା ନେଇ ସ୍ଥାନୀୟ ସାମାଜିକ କର୍ମୀ ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ଆପତ୍ତି ଉଠାଇ ଏନଜିଟିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ସଦସ୍ୟ ଜଷ୍ଟିସ ଏସ୍ ପି ୱାଙ୍ଗଡି, ଜଷ୍ଟିସ କେ. ରାମକ୍ରୀଷ୍ଣନ ଓ ଡ. ସତ୍ୟୱାନ ସିଂହ ଗରୱାଲ ତଦନ୍ତ ପାଇଁ ଜିଲାପାଳ ଓ କଟକ ଡିଏଫ୍‌ଓଙ୍କୁ ୨୦୧୮ ଡିସେମ୍ବର ଓ ୨୦୧୯ ମାର୍ଚ୍ଚ ରେ ୨ଥର ନିର୍ଦ୍ଦେଶ ଦେଇଥିଲେ। ଏହି ଜଙ୍ଗଲ ଜମି ଉପରେ ପ୍ରକଳ୍ପର କେତେକ ଅଂଶ ଜଙ୍ଗଲ ଜମି ଉପରେ ନିର୍ମାଣ ହେଉଥିବା ଦର୍ଶାଇ ଜିଲା ପ୍ରଶାସନ ସମ୍ପୃକ୍ତ ଠିକା ସଂସ୍ଥାକୁ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହି ପ୍ରକଳ୍ପରେ ଅଦ୍ୟାବଧି କାର୍ଯ୍ୟ ଚାଲୁଥିବା ଅଭିଯୋଗକାରୀମାନେ ପୁର୍ନବାର ଅଭିଯୋଗ ଆଣିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଅଗଷ୍ଟ, ୨୦୧୯



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ସୁବର୍ଣ୍ଣ ଚିତା ଲାଗି ହେଲେ ନୀଳମାଧବ ଜୀଉ



**ଖଣ୍ଡପଡ଼ା,୧।୮(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବରେ ପରିଚିତ କଣ୍ଟିଲୋର ନୀଳମାଧବ ଜୀଉଙ୍କ ପବିତ୍ର ଚିତାଲାଗି ଅମାବାସ୍ୟା ଅବସରରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣର ଚିତା ଲାଗି କରାଯାଇଥିଲା । ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀଜୀଉଙ୍କର ସକାଳଧୂପ ଶେଷ ହେବାପରେ ମନ୍ଦିରର ମୁଖ୍ୟ ପୂଜକ ସୁବର୍ଣ୍ଣର ଚିତା ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀଜୀଉଙ୍କୁ ଚିତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ଭୋଗ କ୍ଷୀର ଓ ଚିତଉ ପିଠା ଶ୍ରୀଜୀଉଙ୍କୁ ଲାଗି ହୋଇଥିଲା । ଚିତାଲାଗି ଅମାବାସ୍ୟା ଉପଲକ୍ଷେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ମହାନଦୀରେ ଜଳସ୍ତର ବୃଦ୍ଧି

**ଖଣ୍ଡପଡା,୧।୮(ସ୍ୱ.ପ୍ର.):** ଉପର ମୁଣ୍ଡରେ ବର୍ଷା ହେବା ଫଳରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଛି। କେହି କେହି ଲୋକ ଏହା ପ୍ରଥମ ବନ୍ୟା ଜଳ ବୋଲି କହୁଛନ୍ତି। କଣ୍ଟିଲୋ ଠାରେ ମହାନଦୀର ବିପଦ ସଙ୍କେତ ୫.୮ ମିଟର ଥିବା ବେଳେ ବର୍ତ୍ତମାନ ଏହାର ଜଳ ପତ୍ତନ ୧.୫ ମିଟର ରହିଛି । ଜଳପତ୍ତନ ସ୍ୱାଭାବିକ ରହିଥିବା ବେଳେ ନଦୀ କୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରି ଖେଳି ଯାଇଛି । ନଦୀ ଉପକୂଳରେ ଥିବା ପାହାଡ, ଜଙ୍ଗଲରୁ ବର୍ଷା ଜଳରେ ଶୁଖିଲା କାଠ ନଦୀ ସ୍ରୋତରେ ଭାସି ଆସିଥାଏ । ନଦୀକୂଳିଆ ଲୋକେ ଜାଳ କାଠ ପାଇଁ ଉକ୍ତ କାଠ ସଂଗ୍ରହ କରି ରଖିଥାନ୍ତି। ତେଣୁ ନଦୀରେ କାଠ ଭାସି ଆସିବା ଆଶାରେ ଲୋକେ ଚାହିଁ ବସିଛନ୍ତି।

### ୮ ତାରିଖକୁ ଘୁଞ୍ଚିଲା ଚିନିକଳ ବୈଠକ

**ନୟାଗଡ଼ ଅଫିସ,୧।୮:** ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ହେବାକୁ ଥିବା ଚିନିକଳ ବୈଠକକୁ ବାତିଲ କରିଦିଆଯାଇଛି। ଏହି ବୈଠକ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଶୁକ୍ରବାର ବିଧାନସଭାରେ କୃଷି ବିଭାଗ ସମ୍ପର୍କରେ ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଗତ କରିଛନ୍ତି। ଏଥିପାଇଁ ବିଧାନସଭାରେ କୃଷିମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହିବେ। ତେଣୁ ବୈଠକକୁ ୮ ତାରିଖକୁ ଘୁଞ୍ଚାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଶୁକ୍ରବାର ନୟାଗଡ଼ ଚିନିକଳ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ଜିଲାପାଳ ଓ କୃଷି ମନ୍ତ୍ରୀ ସାହୁଙ୍କ ସହିତ ମିଳିତ ଭାବେ ଚିନିକଳ ପ୍ରସଙ୍ଗ ନେଇ ବୈଠକ ହେବାର ଥିଲା।

# ୨୮ ମାସରେ ୭୨୮ ଶିଶୁ ଅପପୁଷ୍ଟିର ଶିକାର

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧।୮

ଯାଜପୁର ଜିଲା ନଗଡ଼ାକୁ କେହି ଭୁଲି ପାରିନାହାନ୍ତି। ୨୦୧୬ରେ ନଗଡ଼ାର ଶିଶୁମାନେ ଅପପୁଷ୍ଟିର ଶିକାର ହେବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ନୟାଗଡ଼ ଜିଲାରେ ଏଭଳି ଚିତ୍ର ସାମ୍ନାକୁ ଆସିଛି। ୨୮ ମାସ ମଧ୍ୟରେ ଜିଲାର ୭୨୮ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ରାଜ୍ୟ ସରକାର ମା' ପେଟରେ ଥିବା ଛୁଆଙ୍କଠାରୁ ଆରମ୍ଭ କରି ମଶାଣି ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଜିଲାର ଏତେ ଶିଶୁ ଅପପୁଷ୍ଟିର ଶିକାର ହେବା ଘଟଣା ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅପପୁଷ୍ଟିର ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ଲାଗି ଜିଲାରେ ଦୁଇଟି ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନ୍‌ଆର୍‌ସି) ରହିଛି। ଗୋଟିଏ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଓ ଅନ୍ୟଟି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ନୟାଗଡ଼ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ନୟାଗଡ଼, ଓଡ଼ଗାଁ, ନୂଆଗାଁ, ରଣପୁର ଓ ଦଶପଲ୍ଲା ବ୍ଲକର ଶିଶୁମାନେ ଚିକିତ୍ସିତ ହେଉଥିବା ବେଳେ ଖଣ୍ଡପଡ଼ା କେନ୍ଦ୍ରରେ ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକର ଶିଶୁମାନେ ଚିକିତ୍ସିତ ହୁଅନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୧୯୧, ୨୦୧୮-୧୯ରେ ୧୯୬, ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୨୯ ଏହିଭଳି ୪୧୬ ଜଣ ଶିଶୁ ନୟାଗଡ଼ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସେହିଭଳି ଖଣ୍ଡପଡ଼ା କେନ୍ଦ୍ରରେ ୨୦୧୭-୧୮ରେ ୧୦୨, ୨୦୧୮-୧୯ରେ ୧୪୩, ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୬୭ ଏହିଭଳି ମୋଟ ୩୧୨ ଜଣ ଶିଶୁ ଚିକିତ୍ସିତ ହୋଇଛନ୍ତି। ୨ଟି କେନ୍ଦ୍ରରେ ୨୮ ମାସରେ ୭୨୮ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ୬ ମାସରୁ ୫ବର୍ଷ ମଧ୍ୟରେ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଚିହ୍ନଟ ହେଲେ ସେମାନଙ୍କୁ ସ୍ଥାନୀୟ ଏନ୍‌ଆର୍‌ସିରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଇଥାଏ। ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଟିମ୍‌ର ସଦସ୍ୟମାନେ ବିଭିନ୍ନ ଗ୍ରାମ ଓ ସ୍କୁଲକୁ ଯାଇ ଅପପୁଷ୍ଟିର ଆକ୍ରାନ୍ତ ହୋଇଥିବା ଶିଶୁଙ୍କୁ ଚିହ୍ନଟ କରନ୍ତି। ଏହା ପରେ ସେମାନଙ୍କୁ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ଅଙ୍ଗନୱାଡ଼ି, ଆଶା ଦିଦି ଓ ଏଏନ୍‌ଏମ୍‌ମାନେ ମଧ୍ୟ ଏଭଳି ଶିଶୁଙ୍କୁ ଚିହ୍ନଟ ପାଇଁ ନିୟମ ରହିଛି। ହେଲେ ସେମାନେ ଏ ଦିଗରେ ତତ୍ପରତା ଦେଖାଉ ନ ଥିବା ଜଣାପଡ଼ିଛି। ୩ଟି ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ଶିଶୁ ଅପପୁଷ୍ଟିର ଶିକାର ହୋଇଛି ବୋଲି ଜଣାପଡେ। ଉଚ୍ଚତା ଅନୁସାରେ ଓଜନ -୩ ଏସ୍‌ଡ଼ିରୁ କମ୍ ରହିବା, ବାହୁର ଆକାର ୧୧.୫ ସେଣ୍ଟିମିଟରରୁ କମ୍ ରହିବା, ଦୁଇପାଦ, ହାତ କିମ୍ବା ଶରୀର ଫୁଲିଲେ ଜଣେ ଶିଶୁ ଅପପୃଷ୍ଟିର ଶିକାର ହୋଇଛି ବୋଲି ଧରାଯିବ। ଯେଉଁ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଜଣାପଡେ ସେମାନଙ୍କୁ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ସେଠାରେ ନ୍ୟୁଟ୍ରିସନ କାଉନସିଲର ରହି ଶିଶୁମାନଙ୍କର ତଦାରଖ କରିଥାନ୍ତି। ଶିଶୁଟିଏ ଭର୍ତ୍ତି ହେବା ପରେ ତା'ର ଓଜନ ବୃଦ୍ଧି ପାଇଁ ଖାଦ୍ୟ ଦିଆଯିବା ସହ ଚିକିତ୍ସା କରାଯାଇଥାଏ। ୧୦ରୁ ୨୦ଦିନ ଉକ୍ତ କେନ୍ଦ୍ରରେ ଶିଶୁ ରହିବା ପରେ ଓଜନ ବୃଦ୍ଧି କରାଯାଇ ଘରକୁ ପଠାଇ ଦିଆଯାଏ। ଏହା ପରେ ସେମାନଙ୍କୁ ୧୫-୧୫-୩୦ ଦିନରେ ୩ଥର କେନ୍ଦ୍ରକୁ ଚେକ୍‌ଅପ୍ କରିବା ପାଇଁ ଆସିବାକୁ କୁହାଯାଇଥାଏ। ଏହି ସମୟରେ ଡାକ୍ତରମାନେ ଶିଶୁକୁ ଦେଖି ଭଲ ଥିଲେ ଘରକୁ ଛାଡ଼ନ୍ତି ନ ହେଲେ ପୁନର୍ବାର ଉକ୍ତ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇଥାନ୍ତି। ଶିଶୁଟିଏ କେନ୍ଦ୍ରରେ ଭର୍ତ୍ତି ହେବା ପରେ ପ୍ରତିଦିନ ଖାଦ୍ୟ ପାଇଁ ଶିଶୁମାନଙ୍କ ଅଭିଭାବକଙ୍କୁ ୧୦୦ ଟଙ୍କା ପ୍ରଦାନ କରାଯାଇଥାଏ। ସେହିଭଳି ଚେକ୍‌ଅପ୍ କରିବା ପାଇଁ ଆସିଲା ବେଳେ ଯାତାୟାତ ବାବଦରେ ୧୦୦ ଟଙ୍କା ଦିଆଯାଇଥାଏ। ଏତେସବୁ ସୁବିଧା ଥିଲେ ମଧ୍ୟ ଶିଶୁମାନେ ଅପପୁଷ୍ଟିର ଶିକାର ହେବା ଘଟଣାକୁ ନଜର ଅନ୍ଦାଜ କରାଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ନେଇ ନୟାଗଡ଼ ପୁଷ୍ଟି ପୁନର୍ବାସ କେନ୍ଦ୍ରର ନ୍ୟୁଟ୍ରିସନ୍ କାଉନସିଲର ଗାୟତ୍ରୀ ପଣ୍ଡା କହନ୍ତି, ଦଶପଲ୍ଲା ଓ ଗଣିଆ ଅଞ୍ଚଳର ଅଧିକାଂଶ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ବେଳେ ସେଠାକାର ମା'ମାନେ ଏ ଦିଗରେ ସଚେତନ ନୁହନ୍ତି। ଅନ୍ୟ ବ୍ଲକର ମା'ମାନେ ସଚେତନ ଥିଲେ ମଧ୍ୟ ଛୁଆମାନଙ୍କ ପ୍ରତି ଅବହେଳା ଓ ଠିକ୍ ସମୟରେ ଖାଦ୍ୟ ଖୁଆଉ ନ ଥିବାରୁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା ସେ ପ୍ରକାଶ କରିଥିଲେ।



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର।

**ନୟାଗଡ଼ ଜିଲା**
- ଚିକିତ୍ସା ପାଇଁ ରହିଛି ଦୁଇଟି ପୁଷ୍ଟି ପୁନର୍ବାସ କେନ୍ଦ୍ର
- ୬ ମାସରୁ ୫ବର୍ଷ ମଧ୍ୟରେ ଶିଶୁ ଚିହ୍ନଟ ପରେ କେନ୍ଦ୍ରରେ ଭର୍ତ୍ତି ହୋଇଥାନ୍ତି

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଯୁବକ ଜେଲ ଗଲେ

ଓଡ଼ଗାଁ,୧।୮(ସ୍ୱ.ପ୍ର.)

ଓଡଗାଁ ଥାନା ଅଞ୍ଚଳରୁ ମେ' ୩୧ ତାରିଖରେ ଅପହୃତା ଜନୈକା ୧୬ ବର୍ଷୀୟା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି । ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଏହି ଥାନା ଶରଧାପୁର ଗ୍ରାମର ବାପିନା ନାୟକ(୨୧)ଙ୍କୁ ଗିରଫ କରିଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ଥାନାରେ ୯୩/୧୯ରେ ମାମଲା ରୁଜୁ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବୁଧବାର ରାତିରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଗୁରୁବାର ନାବାଳିକାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ନୟାଗଡ଼ କୋର୍ଟରେ ୧୬୪ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତିରେ କାଉନସେଲିଂ ପରେ ନାବାଳିକାଙ୍କୁ ତାଙ୍କ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ଗିରଫ ବାପିନାଙ୍କୁ ଗୁରୁବାର ସ୍ଥାନୀୟ ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ନୟାଗଡ଼ କୋର୍ଟ ଚାଲାଣ କରାଯାଇଥିଲା । ହେଲେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ମାମଲାର ତଦନ୍ତ କରୁଥିବା ଅଧିକାରୀ ସ୍ନେହଲତା ପ୍ରଧାନ ସୂଚନା ଦେଇଛନ୍ତି।

# ମଞ୍ଜୁର ହେଲା ଅର୍ଥ, ବିଦ୍ୟାଳୟ ମରାମତି ନୋହିଲା

ଗଣିଆ,୧।୮(ଡି.ଏନ.ଏ.)

ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଗଣିଆ ବ୍ଲକ ଛାମୁଣ୍ଡିଆସ୍ଥିତ କୁଞ୍ଜବିହାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାତ୍ୟାର ତିନି ମାସ ପରେ ବି ମରାମତି ହୋଇପାରିନି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଗତ ମେ ମାସ ପ୍ରଥମ ସପ୍ତାହରେ ଫନୀ ପ୍ରଭାବରେ ବିଦ୍ୟାଳୟର ଦୁଇ ବଖରା ଆଜବେଷ୍ଟସ୍ ଉଡିଯାଇଥିଲା। ନୂତନ ଆଜବେଷ୍ଟସ୍ ପକାଯାଇ ନ ଥିବାବେଳେ ବର୍ଷା ଋତୁରେ ଶ୍ରେଣୀଗୃହଗୁଡିକର ପୁରୁଣା କାନ୍ଥ ବର୍ଷାପାଣି ପଡି ନଷ୍ଟ ହେବାକୁ ବସିଲାଣି। ଏଭଳି ସ୍ଥିତିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଠପଢିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଶ୍ରେଣୀଗୃହ ମରାମତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ତରଫରୁ ଗତ ଜୁଲାଇ ୮ତାରିଖରେ ଧାରଣା ଦେବା ପାଇଁ ଲିଖିତ ଭାବେ କନ୍ଧମାଳ ଏମପି, ଦଶପଲ୍ଲା ବିଧାୟକ, ନୟାଗଡ ଜିଲାପାଳ, ଗଣିଆ ବିଡିଓ, ବ୍ଲକ ଅଧ୍ୟକ୍ଷ, ଜିଲା ଶିକ୍ଷା ଅଧିକାରୀ ଓ ଛାମୁଣ୍ଡିଆ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା। ଫଳରେ ଜୁଲାଇ ମାସ ପ୍ରଥମ ସପ୍ତାହରେ ବିଧାୟକ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହ ଗୁଡିକ ଯଥାଶୀଘ୍ର ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୫ତାରିଖ ଚିଠି ନଂ - ୧୭୩୨ ଅନୁଯାୟୀ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମରାମତି କାର୍ଯ୍ୟକୁ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ କମିଟି ବୈଠକରେ ନିଷ୍ପତ୍ତି ନିଆଯିବା ସହ ଏହି ପ୍ରସ୍ତାବର ଅବିକଳ ନକଲ ସରପଞ୍ଚଙ୍କୁ ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତେବେ କେତେକ ଠିକାଦାର ମରାମତି କାର୍ଯ୍ୟ କରିବା ପାଇଁ ସରପଞ୍ଚଙ୍କୁ ଜଣାଇଥିଲେ। ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନ ନେବାରୁ ମରାମତି କାର୍ଯ୍ୟ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଠିକାଦାରଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏଥିଯୋଗୁ କାର୍ଯ୍ୟଟି ହୋଇ ନ ପାରି ଅଧାପନ୍ତରିଆ ଭାବେ ପଡିରହିଛି। ତେବେ ଗଣିଆ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗ ବିଦ୍ୟାଳୟ ମରାମତି କାର୍ଯ୍ୟ ସମ୍ପର୍କରେ କୌଣସି ତଦାରଖ କରି ନ ଥିବା ଦେଖାଯାଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ନୀରବ ରହିବା ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଘଟଣା ସମ୍ପର୍କରେ ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁଙ୍କୁ ପଚାରିବାରୁ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ। ଅପରପକ୍ଷେ ବିଦ୍ୟାଳୟ ମରାମତି ଭଳି କାର୍ଯ୍ୟରେ ସରପଞ୍ଚ ତତ୍ପରତା ପ୍ରକାଶ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଘଟଣା ସମ୍ପର୍କରେ ଗଣିଆ ବ୍ଲକ ଅଧ୍ୟକ୍ଷ, ବଡିଓ ଦୃଷ୍ଟି ଦେଇ ସମାଧାନ କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମହଲରୁ ଦାବି ହେଉଛି ।



ଫନୀ ପ୍ରଭାବରେ ଶ୍ରେଣୀଗୃହର ଛପର ଉଡିଯାଇଛି ।

**ବିଦ୍ୟାଳୟ ପରିଚାଳନା କମିଟି ଓ ଠିକାଦାରଙ୍କ ମଧ୍ୟରେ କାମକୁ ନେଇ ବିବାଦ**

### ଓଡ଼ଗାଁରୁ ଚୋରି ଗାଡ଼ି ରଣପୁରରୁ ଜବତ

ରଣପୁର,୧।୮ (ସ୍ୱ.ପ୍ର.)

ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳରୁ ଗତ ଜୁଲାଇ ୩୦ ତାରିଖରେ ଚୋରି ହୋଇଥିବା ଏକ ବୋଲେରୋକୁ ରଣପୁର ପୋଲିସ ଗୁରୁବାର ରଣପୁର ଅନ୍ତର୍ଗତ ଅସୁରକୁମାରୀ ପୀଠରୁ ଜବତ କରିଛି। ପରେ ଓଡଗାଁ ପୋଲିସକୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଓଡ଼ଗାଁ ଥାନା ଅନ୍ତର୍ଗତ ଘସାଦେଇପୁର ଗ୍ରାମର ବୈକୁଣ୍ଠ ନାଥ ବାଘଙ୍କ ଘର ଆଗରେ ରଖାଯାଇଥିବା ଏକ ବୋଲେରୋ (ନଂ ଓଆର୍ ୦୨ ଏସି ୭୯୩୧)କୁ ଗତ ୩୦ତାରିଖ ରାତିରେ କେହି ଦୁର୍ବୃତ୍ତ ଚୋରିକରି ନେଇଯାଇଥିଲେ। ୩୧ ତାରିଖରେ ଓଡଗାଁ ଥାନାରେ ବୈକୁଣ୍ଠ ଲିଖିତ ଅଭିଯୋଗ କରିଥିଲେ । ଏନେଇ ପୋଲିସ ନଂ୧୨୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ଚୋରି ଯାଇଥିବା ଗାଡିର କୌଣସି ପତ୍ତା ମିଳି ନ ଥିଲା। ରଣପୁର ଥାନା ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ମହାନ୍ତି ଗୁରୁବାର ସକାଳେ ପାଟ୍ରୋଲିଂ କରୁଥିବାବେଳେ ବଜ୍ରକୋଟ ଗ୍ରାମସ୍ଥିତ ଅସୁର କୁମାରୀ ପୀଠ ଠାରେ ଥିବା ବନ୍ଧ ଉପରେ ପରିତ୍ୟକ୍ତ ଅବସ୍ଥାରେ ଏକ ଗାଡି ରହିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସନ୍ଦେହ ହେବାରୁ ବିଭିନ୍ନ ଥାନାକୁ ଏ ସଂକ୍ରାନ୍ତରେ ଜଣାଇଥିଲେ । ଓଡଗାଁ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ସବ୍‌ଇନ୍ସପେକ୍ଟର ସଞ୍ଜୟ ପରିଡା ଓ ଗାଡିର ମାଲିକ ବୈକୁଣ୍ଠ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ସେଠାରୁ ଗାଡିଟିକୁ ଜବତ କରି ଓଡ଼ଗାଁ ଥାନାକୁ ନେଇଯାଇଥିଲେ । ଦୁର୍ବୃତ୍ତମାନେ ଗାଡିର ବିଭିନ୍ନ ଯନ୍ତ୍ରାଂଶ କାଢି ନେଇଥିବା ପୋଲିସ ପ୍ରକାଶ କରିଛି । ଏଠାରେ ପ୍ରକାଶ ଯେ, ରଣପୁର ଅଞ୍ଚଳର କିଛି ଦୁର୍ବୃତ୍ତ ଗାଡି ଚୋରି ର୍‌ୟାକେଟ୍‌ରେ ସାମିଲ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



ଉଦ୍ଧାର କରାଯାଇଥିବା ବୋଲେରୋ।

### ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ଜବତ, ବାପପୁଅ ଗିରଫ

ନୟାଗଡ଼ ଅଫିସ,୧।୮

ନୟାଗଡ଼ ଜିଲା ଶରଣକୁଳ ଥାନା କଲ୍ୟାଣପୁର ଗ୍ରାମରେ ପୋଲିସ ବୁଧବାର ରାତିରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ମଦ ଜବତ କରିଛି। ଘରେ ବେଆଇନ ଭାବେ ମଦ ରଖିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ରବୀନ୍ଦ୍ର ବିଶ୍ୱାଳ ଓ ତାଙ୍କ ପୁଅ ଶ୍ୟାମ ସୁନ୍ଦର ବିଶ୍ୱାଳଙ୍କୁ ଗିରଫ କରିଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ରାତି ୧୦ଟା ସମୟରେ ଶରଣକୁଳ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। କଲ୍ୟାଣପୁର ଗ୍ରାମର ରବୀନ୍ଦ୍ରଙ୍କ ଘରେ ବିପୁଳ ପରିମାଣର ମଦ ଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ଏତେ ପରିମାଣର ମଦ କେଉଁଠୁ ଆଣିଲା ସେ ନେଇ ରବୀନ୍ଦ୍ର ଜବାବ ରଖିପାରି ନ ଥିଲେ। ପରେ ପୋଲିସ ସେଠାରୁ ୨୩୯ ଲିଟର ବିଦେଶୀ ମଦ ଜବତ କରିବା ସହିତ ବାପପୁଅଙ୍କୁ ଥାନାକୁ ନେଇ ଆସିଥିଲା। ଏ ନେଇ ଥାନାରେ ୬୪/୧୯ରେ ମାମଲା ରୁଜୁ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ କିରଣ ହେମ୍ବ୍ରମ୍ ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବିରଞ୍ଚି ନାରାୟଣ ଅମାତ, ଏଏସ୍‌ଆଇ ପବିତ୍ର କୁମାର ପ୍ରଧାନ ଓ ପୋଲିସ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ମଦର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦରପଦା ଛକଠାରେ ଏକ ଲାଇସେନ୍ସପ୍ରାପ୍ତ ମଦ କାଉଣ୍ଟର ରହିଛି। ଏଠାରେ ରବୀନ୍ଦ୍ର ଓ ଅନ୍ୟ ଜଣେ ବ୍ୟକ୍ତି ମଦ ବିକ୍ରୟ କରୁଥିଲେ। କିଛିଦିନ ପୂର୍ବେ ରବୀନ୍ଦ୍ର ଓ ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ରବୀନ୍ଦ୍ର ତାଙ୍କ ଭାଗ ଟଙ୍କାର ମଦ ଘରକୁ ଆଣି ରଖିଥିଲେ।



ଗିରଫ ବାପପୁଅ।

# ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାରେ ବିଳମ୍ୱ

ଖଣ୍ଡପଡ଼ା,୧।୮(ସ୍ୱ.ପ୍ର.)

ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡ଼ା ପଞ୍ଚାୟତସ୍ଥ ମାଧପୁର ଗ୍ରାମବାସୀ ପାନୀୟଜଳ ଅଭାବରୁ ବାଧହୋଇ ଦୂଷିତ ନଳକୂପ ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି। ବିଶେଷ ଭାବେ ଗ୍ରାମର ଅନେକ ଲୋକ କିଡ଼ନୀ ରୋଗର ଶିକାର ହେଉଛନ୍ତି। ଏହି ନୂତନ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିବା ସତ୍ତ୍ୱେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଦାୟିତ୍ୱରେ ଥିବା ଠିକାଦାରଙ୍କ ଅବହେଳା ତଥା ଖାମଖିଆଲ ମନୋଭାବ ଯୋଗୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ନ ହେଲେ ଆଗାମୀ ଦିନରେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପଥରଚକଡା ପଞ୍ଚାୟତସ୍ଥ ମାଧପୁର ଗ୍ରାମର ନୂଆସାହିଠାରେ ଗତ ୨୦୦୮-୦୯ ମସିହାରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ପ୍ରକଳ୍ପରୁ ପଞ୍ଚାୟତର ୭ ରୁ ୧୮ ନମ୍ବର ପର୍ଯ୍ୟନ୍ତ ୧୨ଟି ୱାର୍ଡର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟୁତ୍ ମୋଟର ପମ୍ପ ପରିଚାଳନା ପାଇଁ ଆବଶ୍ୟକ ମେନ ସୁଇଚ୍, ଷ୍ଟାଟର, ମିଟର ଆଦି ଯନ୍ତ୍ରାଂଶଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଏକ ପମ୍ପହାଉସ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ସଂସ୍ଥା ପକ୍ଷରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ନିମନ୍ତେ ସମୟ ସୀମା ୬ ମାସ ଥିବାବେଳେ ଇତି ମଧ୍ୟରେ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ସମ୍ପୃକ୍ତ ଠିକାଦାର ଅଧାପନ୍ତରିଆ କାର୍ଯ୍ୟ କରି ଛାଡି ଯାଇଥିବାରୁ ପମ୍ପ ହାଉସ୍ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବରେ ପଡିରହିଛି । ପ୍ରକଳ୍ପ ନିମନ୍ତେ ଆବଶ୍ୟକ ବିଦ୍ୟୁତ୍ ଚାଳିତ ପମ୍ପ ଓ ସମସ୍ତ ଯନ୍ତ୍ରାଂଶ ମଧ୍ୟ ପଡ଼ିନଷ୍ଟ ହେବାକୁ ବସିଲାଣି। ଏହି କାର୍ଯ୍ୟ ନିମନ୍ତେ ପ୍ରାୟ ୨୭ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି।

ତେବେ ପାନୀୟଜଳ ନିମନ୍ତେ ପଥରଚକଡା ପଞ୍ଚାୟତବାସୀଙ୍କ ବାରମ୍ବାର ଦାବି ପରେ ମାଧପୁର ଓ ପଥରଚକଡା ଗ୍ରାମ ପାଇଁ ପୁଣି ପୃଥକ ସ୍ଥାନରେ ୨ଟି ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧.୪୩ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ବର୍ଷ ଏପ୍ରିଲ୍ ମାସ ସୁଦ୍ଧା ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରହିଥିଲା। ତେବେ ଅବଧି ସୀମାକୁ ୪ ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହୋଇପାରି ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଠିକାଦାରଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ବାରମ୍ବାର ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଏଭଳି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହୁଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ପଥରଚକଡ଼ା ପଞ୍ଚାୟତ ସରପଞ୍ଚ ତ୍ରିନାଥ ମୁଦୁଲି କହିଛନ୍ତି, ମାଧପୁର ଗ୍ରାମ ପାଇଁ ସ୍ଥାନୀୟ ବାଲିଘାଟଠାରେ ନିର୍ମିତ ନୂତନ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିଲା, ମାତ୍ର ବିଗତ ୪/୫ ମାସ ହେଲା ଠିକାଦାରଙ୍କୁ ବାରମ୍ବାର କହିଲେ ମଧ୍ୟ କାର୍ଯ୍ୟରେ ଅବହେଳା କରୁଛନ୍ତି। ତେବେ ଏହି ପ୍ରକଳ୍ପ ପାଇଁ ଏକ ପାଣିଟାଙ୍କି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସମ୍ପୂର୍ଣ୍ଣ ହୋଇସାରିଛି। ଏହା କାର୍ଯ୍ୟକାରୀ ହେଲେ ମାଧପୁରବାସୀଙ୍କ ଜଳକଷ୍ଟ ନିଶ୍ଚୟ ଭାବରେ ଦୂର ହୋଇ ପାରିବ ବୋଲି ସେ ସୂଚନା ଦେଇଥିଲେ । ନୟାଗଡ଼ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ ପାଣିଗ୍ରାହୀ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିଥିବା କହିଛନ୍ତି। ମାସକ ପରେ ପ୍ରକଳ୍ପଟି କାର୍ଯ୍ୟକାରୀ ହେବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି ।



ଜଳଯୋଗାଣ ପ୍ରକଳ୍ପର ଖୋଲାମେଲାରେ ଥିବା ବିଦ୍ୟୁତ୍ ଯନ୍ତ୍ରାଂଶ ଓ ଅଧା ଗଢ଼ା ଘର।



ନିର୍ମାଣ ହୋଇଥିବା ପାଣିଟାଙ୍କି।

- ଠିକାଦାରଙ୍କ ଖାମଖିଆଲ ମନୋଭାବ ଅଭିଯୋଗ
- ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ
- ଶୀଘ୍ର କାର୍ଯ୍ୟ ଶେଷ ନ ହେଲେ ହେବ ଆନ୍ଦୋଳନ